ବର୍ଷ-୨୬, ସଂଖ୍ୟା-୨୯୪
ଭୁବନେଶ୍ୱର
ନଭେମ୍ବର, ୦୩, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 294
Bhubaneswar
November, 03, 2026, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୫୩ ବୟସରେ ଐଶ୍ୱର୍ଯ୍ୟା

ପରଲୋକରେ ପ୍ରଖ୍ୟାତ ଡାକ୍ତର ଅଶୋକ ମହାପାତ୍ର

ଭୁବନେଶ୍ୱର,୨।୧୧(ମହାଭାରତ): ଆଉ ନାହାନ୍ତି ବିଶିଷ୍ଟ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର । ଚିକିତ୍ସାଧୀନ ଅବସ୍ଥାରେ ନୂଆଦିଲ୍ଲୀ ଏମସରେ ସୋମବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ୭୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ପରଲୋକ ଖବର ପ୍ରଚାର ହେବା ମାତ୍ରେ ସବୁ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ରାତି ୯ଟା ୧୫ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଡାକ୍ତର ମହାପାତ୍ରଙ୍କର ଦେଶବ୍ୟାପୀ ସୁନାମ ରହିଥିଲା। ନିଜର ଦୀର୍ଘ ଅଭିଜ୍ଞତା, ଚିକିତ୍ସା ସେବା ଓ ଅବଦାନ ପାଇଁ ସେ ଚିକିତ୍ସା ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ବ୍ରେନ୍ କ୍ୟାନସରରେ ପୀଡ଼ିତ ଥିଲେ । ତାଙ୍କ ଦେହାନ୍ତ ଚିକିତ୍ସା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ଦେହାନ୍ତ ଖବର ପାଇ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକପ୍ରକାଶ କରିଛନ୍ତି। ଆସନ୍ତାକାଲି ତାଙ୍କର ମରଶରୀରକୁ ପୁରୀକୁ ନିଆଯାଇ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯିବ ଗାର୍ଡ ଅଫ୍ ଅନର୍ । ଏହାପରେ ପୁରୀରେ ହେବ ଅନ୍ତ୍ୟେଷ୍ଟି କ୍ରିୟା ।

କିଛିଦିନ ତଳେ ଡା.ମହାପାତ୍ର ମସ୍ତିଷ୍କ ଯନ୍ତ୍ରଣାରେ ଅସୁସ୍ଥ ହୋଇ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅଧିକ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ନୂଆଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରମାନଙ୍କର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ତାଙ୍କର ପରଲୋକ ହୋଇଯାଇଛି । ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କ ଅସ୍ତ୍ରପଚାର ପାଇଁ ଚର୍ଚ୍ଚିତ ଡା. ମହାପାତ୍ରଙ୍କୁ ଭାରତ ସରକାର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି । ଡା. ମହାପାତ୍ର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ର ପୂର୍ବତନ କୁଳପତି ତଥା ବର୍ତ୍ତମାନ ପ୍ରିନ୍ସିପାଲ୍ ଆଡଭାଇଜାରି ରହିଛନ୍ତି ।



ପୁରୀରେ ୧୯୫୨ ମସିହାରେ ଜନ୍ମ ଗ୍ରହଣ କରିଥିବା ଡକ୍ଟର ମହାପାତ୍ର ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜରୁ ୧୯୭୫ ମସିହାରେ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ନୂଆଦିଲ୍ଲୀ ଏଏମ୍ସ ରେ ଉଚ୍ଚଶିକ୍ଷା ଗ୍ରହଣ କରି ୧୯୭୯ରେ ଏମଏସ ଏବଂ ୧୯୮୨ରେ ସ୍ନାୟୁ ଶଲ୍ୟ ଚିକିତ୍ସାରେ ଏମ.ସିଏଚ୍) ଡିଗ୍ରୀ ହାସଲ କରିଥିଲେ। ୪୦ ବର୍ଷରୁ ଅଧିକ ସମୟ ଧରି ଏମ୍ସ ନୂଆଦିଲ୍ଲୀ ସହ ଜଡ଼ିତ ରହି ସେ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ, ନ୍ୟୁରୋସାଇନ୍ସ ସେଣ୍ଟରର ମୁଖ୍ୟ ଏବଂ ଗବେଷଣା ଡିନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ଡକ୍ଟର ମହାପାତ୍ରଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଗୋଟିଏ ହେଉଛି ୨୦୧୭ ମସିହାରେ ଜଗା-କାଳିଆଙ୍କ ଐତିହାସିକ ଅପରେସନ୍ । ଡାକ୍ତର ମହାପାତ୍ର ୨୦୧୭ରେ କନ୍ଧମାଳର ଯୋଡ଼ା ମୁଣ୍ଡ ଶିଶୁ ଜଗା- କାଳିଆଙ୍କ ସଫଳ ଅସ୍ତ୍ରପଚାର କରି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ। ନୂଆଦିଲ୍ଲୀ ଏଏମ୍ସରେ କରାଯାଇଥିବା ଏହି ଜଟିଳ ପ୍ରକ୍ରିୟା ଭାରତରେ ଏହି ପ୍ରକାରର ପ୍ରଥମ ସଫଳ ଅସ୍ତ୍ରପଚାର ଥିଲା ଏବଂ ପରେ ଲିମକା ବୁକ୍ ଅଫ୍ ରେକର୍ଡସରେ ସ୍ଥାନିତ ହୋଇଥିଲା ।ଚିକିତ୍ସା ସେବା ସହିତ ଶିକ୍ଷା ଓ ପ୍ରତିଷ୍ଠାନ ଗଠନରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ। ଚିକିତ୍ସା କ୍ଷେତ୍ରରେ ଜଣେ ସୁଦକ୍ଷ ପ୍ରଶାସକ ଭାବେ ସୁପରିଚିତ ଡାକ୍ତର ମହାପାତ୍ର ୨୦୨୪ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ ।

୨୦୦୬ ମସିହାରେ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଲକ୍ଷ୍ନୌର ନିର୍ଦ୍ଦେଶକ ଓ ଭୁବନେଶ୍ୱର, ଏମ୍ସର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ। ନିଜର କାର୍ଯ୍ୟକାଳ ଭିତରେ ସେ ୮୦ଟି ଗବେଷଣାପତ୍ର ପ୍ରକାଶ କରିଛନ୍ତି। ୧୨ରୁ ଅଧିକ ପିଏଚ୍‌ଡି ଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ୧୯୯୮-୨୦୦୮ ମସିହା ଦେଶରେ ତୃତୀୟ ସର୍ବୋଚ୍ଚ ଚିକିତ୍ସା ପ୍ରକାଶନ ଓ ଏମ୍ସରେ ସର୍ବାଧିକ ସଂଖ୍ୟକ ପ୍ରକାଶନ ତାଙ୍କର ନାଁରେ ରହିଥିଲା। ୨୦୧୯-୨୦୨୩ ମସିହା ମଧ୍ୟରେ ବିଶ୍ୱର ୨% ବୈଜ୍ଞାନିକ, ବିଶ୍ୱର ୫% ସ୍ନାୟୁ ବିଜ୍ଞାନୀ ଓ ବିଶ୍ୱରେ ୧% ଶିଶୁ ସ୍ନାୟୁ ଶଲ୍ୟ ଚିକିତ୍ସକଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ।ଶିଶୁ ସ୍ନାୟୁ ଶଲ୍ୟ ଚିକିତ୍ସା, ମସ୍ତିଷ୍କ ଘାତ ଏବଂ ଟ୍ୟୁମର୍ ଅପରେସନରେ ତାଙ୍କର ରହିଛି ବିଶେଷ ଦକ୍ଷତା। ତାଙ୍କର ୬୦୦ରୁ ଅଧିକ ଗବେଷଣାତ୍ମକ ପ୍ରବନ୍ଧ ଏବଂ ୧୫ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇସାରିଛି ।ସେ ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଏହାର ଭିତ୍ତିଭୂମି ମଜବୁତ କରିଥିଲେ। ଏହାଛଡ଼ା ଲକ୍ଷ୍ନୌର ଏସଜିପିଜିଆଇର ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ସମ୍ପ୍ରତି ସେ ଭୁବନେଶ୍ୱରର ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଜ୍ଞାନର ପ୍ରମୁଖ ପରାମର୍ଶଦାତା ତଥା ପୂର୍ବତନ କୁଳପତି ଭାବେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି। ଚିକିତ୍ସା କ୍ଷେତ୍ରରେ ତାଙ୍କର ଏହି ଅମୂଲ୍ୟ ଅବଦାନ ପାଇଁ ୨୦୨୫ ଏପ୍ରିଲରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନର ସମ୍ମାନିତ ହୋଇଥିଲେ । ଏହାବ୍ୟତୀତ ଓଡ଼ିଶା ବିଜ୍ଞାନ ଏକାଡ଼ମୀ (ଫ୍ର-୭)ପକ୍ଷରୁ ତାଙ୍କୁ 'ସି.ଭି. ରମଣ ଆୱାର୍ଡ' ମଧ୍ୟ ପ୍ରଦାନ କରାଯାଇଛି। ଡକ୍ଟର ଅଶୋକ କୁମାର ମହାପାତ୍ର କେବଳ ଜଣେ କୁଶଳୀ ଡାକ୍ତର ନୁହଁନ୍ତି, ବରଂ ସେ ଓଡ଼ିଶା ଏବଂ ସମଗ୍ର ଦେଶର ଯୁବ ପିଢ଼ିଙ୍କ ପାଇଁ ଏକ ପ୍ରେରଣାର ପ୍ରତୀକ ଅଟନ୍ତି। ନିଜର ଆମାୟିକ ବ୍ୟବହାର ଓ କର୍ତ୍ତବ୍ୟ ପ୍ରତି ନିଷ୍ଠାପଣ ତାଙ୍କୁ ଭିନ୍ନ ପରିଚୟ ଦେଇଥିଲା । ଶେଷ ପର୍ଯ୍ୟନ୍ତ ନିୟମିତ ରୋଗୀଙ୍କ ଚିକିତ୍ସା ସହ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ପ୍ରଫେସର ମହାପାତ୍ର ବିଭିନ୍ନ ଉପାଦେୟ ମୂଳକ ପୁସ୍ତକ ରଚନା ସହ ଚିକିତ୍ସା ଓ ଆଧ୍ୟାତ୍ମିକତାର ଅପୂର୍ବ ସଂଯୋଗ ତଥା ସମନ୍ୱୟ ବିଷୟରେ ସର୍ବଦା ସମସ୍ତଙ୍କୁ ଅବଗତ କରି ଆସୁଥିଲେ ।

ଦିଲ୍ଲୀରେ ମୋହନ

ଭୁବନେଶ୍ୱର,୨।୧୧(ମହାଭାରତ): ଓଡ଼ିଶାର ସବୁଜ ଶକ୍ତି ଅଭିଯାନକୁ ଆଗକୁ ବଢ଼ାଇବା ସହ ବନ୍ୟା ବିପନ୍ନ ଜିଲ୍ଲାଗୁଡ଼ିକ ପାଇଁ କେନ୍ଦ୍ରୀୟ ସହାୟତା ହାସଲ ଲକ୍ଷ୍ୟରେ ଆଜି ସନ୍ଧ୍ୟା ୬ଟାରେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତାକାଲି ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଭାରତ ଅକ୍ଷୟ ଶକ୍ତି ସମିଟ୍ ଓ ପ୍ରଦର୍ଶନୀ ୨୦୨୬' ଯୋଗ ଦେବେ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ସବୁଜ ଓ ଅକ୍ଷୟ ଶକ୍ତି କ୍ଷେତ୍ରର ବିକାଶ ତଥା ନିବେଶ ବଢ଼ାଇବା ଏହାର ପ୍ରମୁଖ ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧ୍ୟ



କାର୍ଯ୍ୟକ୍ରମରେ ଯୋଗ ଦେବେ । ଦୁଇଦିନିଆ ଏହି ସରକାରୀ ଗସ୍ତକୁ ନେଇ ରାଜ୍ୟ ରାଜନୀତି ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ନୂଆଦିଲ୍ଲୀରେ ଆୟୋଜିତ ପ୍ରତିଷ୍ଠିତ ଭାରତ ନବୀକରଣ ଶକ୍ତି ସମ୍ମିଳନୀ ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ। ଏହି ସମ୍ମିଳନୀରେ ଦେଶର ବରିଷ୍ଠ ନେତା, ଶକ୍ତି ବିଶେଷଜ୍ଞ, ଶିଳ୍ପପତି ଓ ନୀତି ନିର୍ଦ୍ଧାରକମାନେ ଯୋଗଦେଇ ଭାରତର ସ୍ୱଚ୍ଛ ଶକ୍ତି ଭବିଷ୍ୟତ ନେଇ ଆଲୋଚନା କରିବେ। ଏହି ଗସ୍ତରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସାମିଲ ହେବେ। ରାଜ୍ୟରେ ଅକ୍ଷୟ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ, ସବୁଜ ପୁଞ୍ଜିନିବେଶ ଆକର୍ଷଣ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଓଡ଼ିଶାର ପକ୍ଷ ରଖିବେ ଦୁଇ ନେତା। ସବୁଜ ଶକ୍ତି ସମ୍ମିଳନୀ ସହ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ରାଜ୍ୟର ବନ୍ୟା ପରିସ୍ଥିତି ଓ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିବା। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ କେନ୍ଦ୍ରର ବରିଷ୍ଠ ନେତୃତ୍ୱଙ୍କୁ ଭେଟି ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ଓ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ଦେବେ। ଏଥିସହ ରିଲିଫ୍, ପୁନର୍ବାସ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ଆର୍ଥିକ ଏବଂ ଆବଶ୍ୟକ ଲଜିଷ୍ଟିକ୍ ସହାୟତା ଯୋଗାଇଦେବାକୁ ଦାବି ଜଣାଇବେ।

ବାତିଲ ହେଲା ୨୧ ବିମାନ

ଭୁବନେଶ୍ୱର,୨।୧୧(ମହାଭାରତ): ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମାଡ଼ି ଆସୁଛି ଭୀଷଣ ବାତ୍ୟା 'ମୁରାସୁ'। ବାତ୍ୟାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଲାଗି ରହିଥିବାବେଳେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଯାତ୍ରୀଙ୍କ ସୁରକ୍ଷା ଏବଂ ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଚେନ୍ନାଇ ଓ ବିଜୟୱାଡ଼ା ବିମାନବନ୍ଦରରେ ମୋଟ ୨୧ଟି ବିମାନ ଉଡ଼ାଣ ବାତିଲ କରାଯାଇଛି।

ସୂଚନା ଅନୁଯାୟୀ, ଚେନ୍ନାଇ ବିମାନବନ୍ଦରରେ ୧୧ଟି ଏବଂ ବିଜୟୱାଡ଼ାର ଗନ୍ନାଭରମ୍ ବିମାନବନ୍ଦରରେ ୧୦ଟି ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ କରାଯାଇଛି। ଏହାଦ୍ୱାରା ଚେନ୍ନାଇରୁ ବିଜୟୱାଡ଼ା, ରାଜମହେନ୍ଦ୍ରୀ, କଡ଼ପା ଓ ତିରୁଚିରାପଲ୍ଲୀ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀ ପ୍ରଭାବିତ ହୋଇଛନ୍ତି।ବିମାନ ବାତିଲ ଯୋଗୁଁ ଅନେକ ଯାତ୍ରୀଙ୍କ ଯାତ୍ରା ଯୋଜନାରେ ପରିବର୍ତ୍ତନ ହୋଇଛି। ପ୍ରଭାବିତ ଯାତ୍ରୀଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ସୂଚନା ଦେଉଛି ଇଣ୍ଡିଗୋ। ବିମାନବନ୍ଦରକୁ ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୨।୧୧(ମହାଭାରତ): ବାତ୍ୟା 'ଅର୍ଣ୍ଣବ' ପରେ ରାଜ୍ୟରେ ହୋଇଥିବା କ୍ଷୟକ୍ଷତି ଓ ଏହାର ପ୍ରଭାବର ଆକଳନ କରିବାକୁ ଓଡ଼ିଶାରେ ପହଞ୍ଚିଛି କେନ୍ଦ୍ରୀୟ ଟିମ୍। ଦିଲ୍ଲୀରୁ ଆସିଥିବା ୮ ଜଣିଆ ସଦସ୍ୟ ବିଶିଷ୍ଟ ଏହି କମିଟି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି।



ଆସନ୍ତାକାଲି ସକାଳେ ରାଜ୍ୟ ସରକାରଙ୍କ ସହ କେନ୍ଦ୍ରୀୟ ଟିମ୍‌ର ପ୍ରଥମ ପର୍ଯ୍ୟାୟ ବୈଠକ ଓ ବ୍ରିଫିଙ୍ଗ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ହେବେ। ବାତ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି, ପ୍ରଭାବିତ ଅଞ୍ଚଳର ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଟିମ୍‌କୁ ଅବଗତ କରାଯିବ।କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ୮ ଜଣିଆ କେନ୍ଦ୍ରୀୟ କମିଟିକୁ ଦୁଇଟି ଟିମ୍‌ରେ ବିଭକ୍ତ କରାଯିବ।ପ୍ରଥମେ ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଟିମ୍‌ର ସଦସ୍ୟମାନେ ଗସ୍ତ କରିବେ। ଏହାପରେ ଅନ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ କରିବେ।ଏହି ଗସ୍ତ ସମୟରେ କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ସମନ୍ୱୟ ରଖି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ କରିବା ସହ ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ବାସ୍ତବ ଚିତ୍ର ସଂଗ୍ରହ କରିବେ।କେନ୍ଦ୍ରୀୟ ଟିମ୍‌ର ଏହି ଗସ୍ତ ପରେ ବାତ୍ୟା କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ଏବଂ ପରବର୍ତ୍ତୀ ସହାୟତା ପ୍ରକ୍ରିୟାକୁ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବା ଆଶା କରାଯାଉଛି।

ବାତ୍ୟା ମୁରାସୁ : ରାଜ୍ୟ ସରକାର ପ୍ରସ୍ତୁତ

ଭୁବନେଶ୍ୱର,୨।୧୧(ମହାଭାରତ): : ବାତ୍ୟା ଅର୍ଣ୍ଣବର ତାଣ୍ଡବରେ ଛାରଖାର ହୋଇଥିବା ଦକ୍ଷିଣ ଓଡ଼ିଶା ଏବେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତିକୁ ଫେରୁଛି । ହେଲେ ଅର୍ଣ୍ଣବର କ୍ଷୟକ୍ଷତି ଓ ଦୁର୍ଦ୍ଦଶାରୁ ଲୋକେ ମୁକୁଳି ନ ଥିବାବେଳେ ଏବେ ପୁଣି ମାଡ଼ି ଆସୁଛି ଆଉ ଏକ ସମ୍ଭାବ୍ୟ ବିପଦ । ସମୁଦ୍ରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୁରାସୁ' ନେଇ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି।

ଗଞ୍ଜାମ ଜିଲ୍ଲାର ଗିଡ଼ିପାବାଲି ଭୂସ୍ଖଳନ ସ୍ଥଳରେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଇଁ ଉଦ୍ଧାର ଅଭିଯାନକୁ ଜୋରଦାର କରାଯାଇଛି । ଏଥିରେ ଏକାଧିକ ଉଦ୍ଧାରକାରୀ ଦଳ ସହ ବୈଷୟିକ ଉପକରଣ ଓ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ସ୍ୱଶାଲ ଅପରେସନ୍ସ ଗ୍ରୁପ୍ (ଏସ୍‌ଓଜି)ର ୨ଟି ଟିମ୍‌ର ୪୨ ଜଣ, ଓଡ୍ରାଫ୍‌ର ୧୫ ଜଣ ଏବଂ ଏନ୍‌ଡିଆର୍‌ଏଫ୍‌ର ୨ଟି ଟିମ୍‌ର ୩୪ ଜଣ ଯବାନଙ୍କ ସହ ୪ ଜଣ ଅଧିକାରୀ ନିୟୋଜିତ ଅଛନ୍ତି । ଏନ୍‌ଡିଆର୍‌ଏଫ୍ ସହ ରକି ଓ ଭିକି ନାମକ ଦୁଇଟି ସନ୍ଧାନୀ କୁକୁର ମଧ୍ୟ ରହିଛନ୍ତି । ଅଗ୍ନିଶମ ସେବାର ୩୫ ଜଣ କର୍ମଚାରୀ ଓ ସୁଲତାନ ନାମକ ଏକ ସନ୍ଧାନୀ କୁକୁର, ରେଳବାଇ ବିଭାଗର ୩୫ ଜଣ କର୍ମଚାରୀ ଏବଂ ପ୍ରାଣୀ ସମ୍ପଦ ବିଭାଗର ୧୨ ଜଣିଆ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରାଯାଉଛି । ଏନଡିଆର୍‌ଏଫ୍ ପକ୍ଷରୁ ଲାଇଫ୍ ଡିଟେକ୍ଟର ଓ ରାଡାର ଉପକରଣ ନିୟୋଜିତ ହୋଇଥିବାବେଳେ ଓଡ୍ରାଫ୍ ପକ୍ଷରୁ ଡ୍ରିଲ୍ ମେସିନ୍ ବ୍ୟବହାର କରାଯାଉଛି । ସେହିପରି ରେଳବାଇ ବିଭାଗ ପକ୍ଷରୁ ଜେନେରେଟର, ଦୁଇଟି ଡ୍ରିଲ୍ ମେସିନ୍ ଓ ୧୦୦ଟି ବ୍ଲାଷ୍ଟିଂ ଜେଲାଟିନ୍ ଷ୍ଟିକ୍ ଯୋଗାଇ ଦିଆଯାଇଛି । ଅଗ୍ନିଶମ ବିଭାଗ ମଧ୍ୟ ଜେନେରେଟର ନିୟୋଜିତ କରିଛି । ସ୍ଥାନୀୟ ଶ୍ରମିକମାନେ ଉଦ୍ଧାରକାରୀ ଦଳ ସହ ମିଶି କାର୍ଯ୍ୟ କରୁଛନ୍ତି । ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମରେ ନିଖୋଜଙ୍କ ସନ୍ଧାନ ଜାରି ରହିଛି ।


ଅନ୍ୟପଟେ ମୁରାସୁର ସମ୍ଭାବ୍ୟ ଗତିପଥ ଓ ପ୍ରଭାବକୁ ନେଇ ପ୍ରଶାସନ ସତର୍କ ହୋଇଉଠିଛି । ଘଣ୍ଟାପ୍ରତି ପ୍ରାୟ ୨୨ କିଲୋମିଟର ବେଗରେ ଗତି କରୁଥିବା ଏହି ବାତ୍ୟା ଚେନ୍ନାଇଠାରୁ ୧୮୦ କିଲୋମିଟର ଏବଂ ମଚ୍ଛଲିପଟ୍ଟନମ୍‌ଠାରୁ ୨୪୦ କିଲୋମିଟର ଦୂରରେ ରହିଥିବା ସୂଚନା ମିଳିଛି। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୩ ତାରିଖରେ ସ୍ଥଳଭାଗ ଛୁଇଁବାର ଆକଳନ କରାଯାଇଛି । ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ରହିପାରେ ବୋଲି ଆକଳନ କରାଯାଇଛି । ମୁରାସୁର ସମ୍ଭାବ୍ୟ ପ୍ରଭାବକୁ ଦେଖି ଦକ୍ଷିଣ ଓଡ଼ିଶାର ୬ଟି ଜିଲ୍ଲାକୁ ନେଇ ସତର୍କ ପ୍ରଶାସନ । ଗଞ୍ଜାମ, ଗଜପତି ଓ କନ୍ଧମାଳରେ ଆରମ୍ଭ ହୋଇଛି ଲୋକଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା। ଗଞ୍ଜାମରେ ୩୨ଟି ଓଡ୍ରାଫ୍ ଓ ୩ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହେବେ । ବିପଦ ମୁକାବିଲା ପାଇଁ ଉଦ୍ଧାରକାରୀ ଦଳକୁ ପ୍ରସ୍ତୁତ ରଖାଯାଇଛି ।

ଅନ୍ୟପଟେ ଅର୍ଣ୍ଣବର କ୍ଷୟକ୍ଷତି ଆକଳନ ପାଇଁ ଆସୁଛି କେନ୍ଦ୍ରୀୟ ଟିମ୍ । କିଛି ଅଧିକାରୀ ଆଜି ପହଞ୍ଚିଥିବାବେଳେ ଆଉ କିଛି ଅଧିକାରୀ ଆସନ୍ତାକାଲି ପହଞ୍ଚିବେ । ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଆଲୋଚନା ପରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଅନୁଧ୍ୟାନ କରିବେ । ଆସନ୍ତା ୪ ତାରିଖରେ ଫେରିବେ କେନ୍ଦ୍ରୀୟ ଟିମ୍। ପୂର୍ଣ୍ଣାଙ୍ଗ ଆକଳନ ପରେ କେନ୍ଦ୍ର ସରକାରଙ୍କୁ ଦିଆଯିବ କ୍ଷୟକ୍ଷତି ରିପୋର୍ଟ । ବାତ୍ୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ଶକ୍ତି ବିଭାଗ । ୪୬ଟି ସ୍ଥାନରେ ଫିଡର୍ କ୍ଷତିଗ୍ରସ୍ତ ହୋଇଥିବାବେଳେ ମରାମତି କାମ ଶେଷ ହୋଇଛି। ୬୫୮ଟି ୧୧ କେଭି ଫିଡର୍‌ର ମରାମତି ମଧ୍ୟ ସରିଛି । ଗଞ୍ଜାମ ଜିଲ୍ଲାରେ ବିଦ୍ୟୁତ୍ ସେବା ପୁନରୁଦ୍ଧାର କାମ ଜାରି ରହିଛି ।ପାନୀୟ ଜଳ ଯୋଗାଣ ଓ ରାସ୍ତାଘାଟ ମରାମତିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଗଞ୍ଜାମରେ ୪୫୭୨ଟି ଜଳ ଉତ୍ସ ଅକାମୀ ହୋଇଥିବାବେଳେ ୪୪୭୫ଟିର ମରାମତି ଓ ବିଶୋଧନ କାମ ସରିଛି । ୨୬୫ଟି ପାଣି ଟ୍ୟାଙ୍କର ନିୟୋଜିତ ହୋଇଛି । ଭୂସ୍ଖଳନ ଯୋଗୁଁ ଭଞ୍ଜନଗରରେ ଅଧିକ କ୍ଷତି ହୋଇଥିଲେ ମଧ୍ୟ ଏବେ ରାସ୍ତାଘାଟ ପୁନରୁଦ୍ଧାର କାମ ଚାଲିଛି ।

ଭାରତୀୟ ନୌସେନାର ବଡ଼ ଅପରେସନ୍

ନୂଆଦିଲ୍ଲୀ,୨।୧୧(ମହାଭାରତ): ଆରବ ସାଗରରେ ପୁଣି ଭାରତୀୟ ନୌସେନାର ପରାକ୍ରମ। ସମୁଦ୍ର ଡକାୟତଙ୍କ କବଳରେ ଥିବା ଏକ ମାଛଧରା ବୋଟ୍‌ରୁ ୨୦ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ଭାରତୀୟ ନୌସେନା। ମୁମ୍ବାଇଠାରୁ ପ୍ରାୟ ୩ ହଜାର କିଲୋମିଟର ଦୂର ଆରବ ସାଗରରେ ଏହି ସଫଳ ଅପରେସନ୍ କରାଯାଇଛି। 'ଅଜିନି' ନାମକ ମାଛଧରା ଡଙ୍ଗାରେ ଥିବା ସମସ୍ତ ୨୦ ଜଣଙ୍କୁ ୪୮ ଘଣ୍ଟାର ଅଭିଯାନ ପରେ ଉଦ୍ଧାର କରାଯାଇଛି।

ଏହି ସଫଳ ଅଭିଯାନ ସମ୍ପର୍କରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ଭାରତୀୟ



ନୌସେନାର ସାହସିକତା ଓ ଦକ୍ଷତାକୁ ସେ ଉଚ୍ଚ ପ୍ରଶଂସା କରିବା ସହ ଅପରେସନ୍‌ରେ ସାମିଲ ଥିବା ସମସ୍ତ ଯବାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା ଅନୁସାରେ, ନଭେମ୍ବର ୨ ତାରିଖରେ ଆରବ ସାଗରରେ ମୁମ୍ବାଇଠାରୁ ୩ ହଜାର କିଲୋମିଟରରୁ ଅଧିକ ଦୂରରେ ଏହି ଅପରେସନ୍ କରାଯାଇଥିଲା। ସମୁଦ୍ର ଡକାୟତମାନେ ଭାରୀ ଅସ୍ତ୍ରଶସ୍ତ୍ର ସହ ବୋଟ୍‌ଟିକୁ ନିଜ କବ୍‌ଜାକୁ ନେଇଥିଲେ। ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ନୌସେନା ଦ୍ରୁତ ପଦକ୍ଷେପ ନେଇ ଡକାୟତଙ୍କ ଗତିବିଧି ଠାବ କରିଥିଲା ।ପରେ ସେମାନଙ୍କୁ ଅଟକାଇ ବୋଟ୍‌ଟିକୁ ମୁକ୍ତ କରିବା ସହ ସମସ୍ତ ୨୦ ଜଣ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ମାତ୍ର ୪୮ ଘଣ୍ଟା ମଧ୍ୟରେ ଏହି ଜଟିଳ ଅଭିଯାନକୁ ସଫଳତାର ସହ ଶେଷ କରିବା ଭାରତୀୟ ନୌସେନାର ପ୍ରସ୍ତୁତି ଓ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରିଛି ।ଏହି ଉଦ୍ଧାର ଅଭିଯାନରେ ଭାରତୀୟ ବାୟୁସେନା ମଧ୍ୟ ସମୟୋଚିତ ସହଯୋଗ ଯୋଗାଇଥିଲା। ଆକାଶପଥରୁ ମିଳିଥିବା ସହାୟତା ଅପରେସନ୍‌କୁ ଅଧିକ ପ୍ରଭାବଶାଳୀ କରିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।ରାଜନାଥ ସିଂ କହିଛନ୍ତି ଯେ, ଭାରତୀୟ ସେନାର ଯବାନମାନେ ପୁଣିଥରେ ପ୍ରମାଣ କରିଛନ୍ତି ଯେ ଦେଶର ନାଗରିକଙ୍କ ସୁରକ୍ଷା ଏବଂ ଭାରତ ମହାସାଗର ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାକୁ ଭାରତ ସମ୍ପୂର୍ଣ୍ଣ ସକ୍ଷମ। ସମୁଦ୍ର ପଥରେ ଡକାୟତି ଓ ଅନ୍ୟାନ୍ୟ ସୁରକ୍ଷା ବିପଦ ମଧ୍ୟରେ ଏହି ଅପରେସନ୍ ଭାରତୀୟ ନୌସେନାର ସାମୁଦ୍ରିକ ସୁରକ୍ଷା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପୁଣିଥରେ ସାମ୍ନାକୁ ଆଣିଛି।

ଆଗୁଆ ଚେତାଇଥିଲା କେନ୍ଦ୍ରୀୟ ଜଳ ଆୟୋଗ

ଭୁବନେଶ୍ୱର,୨।୧୧(ମହାଭାରତ): ବାତ୍ୟା ଅର୍ଣ୍ଣବ ଜନିତ ବର୍ଷା ବନ୍ୟାରେ ଗଞ୍ଜାମ ଜିଲ୍ଲା ବୁଡ଼ିଗଲା । ଏବେ ଲକ୍ଷାଧିକ ଲୋକ ଜଳ ବିଭୀଷିକାରେ ପୀଡ଼ିତ । ଜିଲ୍ଲାର ଏଭଳି ସ୍ଥିତି ପାଇଁ ଦୋଷୀ କିଏ ଖୋଜା ଚାଲିଛି । ଆଇଏମ୍‌ଡି ଆକଳନ, ସରକାରୀ ପ୍ରସ୍ତୁତି, ଡ୍ୟାମ୍ ପରିଚାଳନା, ଗଞ୍ଜାମକୁ କମ୍ ଗୁରୁତ୍ୱ ଦିଆଯିବା ଆଦି ଭିନ୍ନ ଭିନ୍ନ କାରଣ କୁହାଯାଉଛି । ହେଲେ ଜଳସମ୍ପଦ ବିଭାଗର ଡ୍ୟାମ୍ ପରିଚାଳନା ନୀତି ଉପରେ ସର୍ବାଧିକ ଆରୋପ ଲାଗିଛି । ଦୋଷ ଛଡ଼ାଇବା ପାଇଁ ଅତ୍ୟଧିକ ବର୍ଷାକୁ କାରଣ ଦର୍ଶାଇ ଝାଡ଼ିଝୁଡ଼ି ହେଉଛି ଜଳସମ୍ପଦ ବିଭାଗ କିନ୍ତୁ ବିଭାଗର ଅବହେଳାକୁ ନେଇ ଏବେ ଆଉ ଏକ ତଥ୍ୟ ସାମ୍ନାକୁ ଆସିଛି ।

କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ତାର ୨୭ ତାରିଖ ବୁଲେଟିନ୍‌ରେ ଋଷିକୁଲ୍ୟା ନଦୀରେ ସାମାନ୍ୟରୁ ଗମ୍ଭୀର ବନ୍ୟା ସ୍ଥିତି ଉପୁଜିବା ସ୍ପଷ୍ଟ କରିଥିଲା । କେବଳ ସେତିକି ନୁହେଁ, ୨୮ ତାରିଖ ବୁଲେଟିନ୍‌ରେ ସିଡବ୍ଲୁସି ବାତ୍ୟା ଓର୍ଣ୍ଣବ ପ୍ରଭାବରେ ୨୯ ତାରିଖ ଦିନ ଗଞ୍ଜାମ, ଗଜପତି, କନ୍ଧମାଳ ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାରେ ଆକସ୍ମିକ ବନ୍ୟା (ଫ୍ଲାସ୍ ଫ୍ଲଡ୍)ର ଅଧିକ ସମ୍ଭାବନା ଥିବା ଦର୍ଶାଇଥିଲା । ଆଇଏମ୍‌ଡି (ଭାରତୀୟ ପାଣିପାଗ ବିଭାଗ) ରିପୋର୍ଟକୁ ଆଧାର କରି ସିଡବ୍ଲୁସି ଏହି ସ୍ଥିତି ଆକଳନ କରିଥିଲା । ସିଡବ୍ଲୁସି ପୂର୍ବାନୁମାନ ସତ ହେଲା ଏବଂ ଗଞ୍ଜାମ ଜିଲ୍ଲା ବୁଡ଼ିଲା । ଏଥିରୁ ଜଳସମ୍ପଦ ବିଭାଗ ସିଡବ୍ଲୁସି ବୁଲେଟିନ୍‌କୁ ଯଥେଷ୍ଟ ଗୁରୁତ୍ୱ ଦେଇନଥିବା ଜିଲ୍ଲାର ବନ୍ୟା ସ୍ଥିତିରୁ ବାରି ହୋଇପଡୁଛି । ସିଡବ୍ଲୁସି ଆକଳନ କରିବା ଦିନ ଋଷିକୁଲ୍ୟା ଜଳସ୍ତର କମ ଥିଲା। ଦିନକ ପରେ ଅର୍ଥାତ ୨୮ ତାରିଖ ରାତି ୯ଟାରେ ଭଞ୍ଜନଗର ଜଳସେଚନ ବିଭାଜନ ବିଭିନ୍ନ ଜଳଭଣ୍ଡାରର ସ୍ଥିତି ଏବଂ ଗଜ୍ ଷ୍ଟେସନ୍‌ର ସ୍ଥିତି ଜାରି କରିଥିଲା ।

ସୂଚନା ଅନୁସାରେ, ବାଘୁଆ ବ୍ୟତୀତ ଋଷିକୁଲ୍ୟା, ଲୋହରାଖଣ୍ଡି, ବଡ଼ନଦୀ ଓ ପଦ୍ମା ନଦୀର ବିଭିନ୍ନ ଗଜ୍ ଷ୍ଟେସନ୍‌ରେ ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇସାରିଥିଲା । ନଦୀଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ପ୍ରବାହିତ ହେଉଥିବା ବେଳେ ଭଞ୍ଜନଗର, ସୋରଡ଼ା, ଡହ ଆଦି ଡ୍ୟାମ୍‌ର ଗେଟ୍ ଖୋଲାଯାଇଥିବା ଅଭିଯୋଗ ହେଉଛି । ଜଳସମ୍ପଦ ବିଭାଗ ସିଡବ୍ଲୁସି ପୂର୍ବାନୁମାନକୁ ଗୁରୁତର ସହ ନେଇ ଜଳଭଣ୍ଡାର ଗୁଡ଼ିକରୁ ଜଳ ନିଷ୍କାସନ କରିଥିଲେ ହୁଏତ ସ୍ଥିତି ଆଜି ଏଭଳି ନଥାନ୍ତା ବୋଲି କୁହାଯାଉଛି । କାରଣ ଡହ ଜଳଭଣ୍ଡାରରୁ ୨୬ରୁ ୩୦ ତାରିଖ ମଧ୍ୟରେ ଜଳ ନିଷ୍କାସନ ପାଇଁ ୨୪ ତାରିଖରୁ ସୂଚନା ଦିଆଯାଇଥିଲା । ଅଥଚ ୨୬ରୁ ୩୦ ତାରିଖ ଭିତରେ ନିଷ୍କାସନ କରାଯାଇନଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାତି ଅଧରେ କିମ୍ବା ଭୋରରୁ ଜଳଭଣ୍ଡାର ପାଣି ଛଡ଼ାଯିବା ଦ୍ୱାରା ହଠାତ ୨୯ ତାରିଖ ପୂର୍ବାହ୍ନ ୯.୩୦ ବେଳକୁ ଭଞ୍ଜନଗର ସହରରେ ପାଣି ପଶିଲା ଏବଂ ସବୁ ବୁଡ଼ିଗଲା ।ଡହ ଜଳଭଣ୍ଡାରରରୁ ପାଣି ନିଷ୍କାସନ ସଂକ୍ରାନ୍ତ ଚିଠି ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏବଂ ତାକୁ ନେଇ ପ୍ରଶ୍ନ କରାଯାଉଛି । ଗଞ୍ଜାମ ବନ୍ୟାକୁ ନେଇ ସମସ୍ତ ରାଜନୈତିକ ଦଳ ସରକାରଙ୍କୁ ଘେରିବାରେ



ଲାଗିଛନ୍ତି । ସିଧାସଳଖ ଜଳସମ୍ପଦ ବିଭାଗକୁ ଏଥିପାଇଁ ଦାୟୀ କରିଛନ୍ତି । ଜିଲ୍ଲାର ଡ୍ୟାମ୍ ପରିଚାଳନା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା କହୁଛନ୍ତି । ଜଳଭଣ୍ଡାରରେ ଗଚ୍ଛିତ ପାଣି ଠିକ୍ ସମୟରେ ନିଷ୍କାସିତ ହୋଇନଥିଲା ବିଜେଡି ଅଭିଯୋଗ କରୁଥିବା ବେଳେ କଂଗ୍ରେସ, ବାମ ଦଳ ସମେତ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ଆଗୁଆ ଚେତାବନୀ ସତ୍ତ୍ୱେ ସରକାର ପର୍ଯ୍ୟାପ୍ତ ପ୍ରତିଷେଧକ ବ୍ୟବସ୍ଥା କରିବାରେ ବିଫଳ ହୋଇଛନ୍ତି । ଡ୍ୟାମ୍ ପରିଚାଳନାରେ ତ୍ରୁଟି ଅଭିଯୋଗକୁ ଜଳ ସମ୍ପଦ ବିଭାଗ ଅସ୍ୱୀକାର କରୁଛି ।

ବିଭାଗ ମୁଖ୍ୟ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ ଗତକାଲି ଗଣମାଧ୍ୟମକୁ କହିଛନ୍ତି ଯେ, ବାତ୍ୟା ସତର୍କତାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ବନ୍ଧଗୁଡ଼ିକରେ ଜଳସ୍ତର ପୂର୍ବରୁ ୬୦ ପ୍ରତିଶତ କ୍ଷମତାକୁ ହ୍ରାସ କରାଯାଇଥିଲା । ବର୍ଷା ଅତ୍ୟଧିକ ଥିଲା । ଋଷିକୁଲ୍ୟାର ଜଳସ୍ତର ବହୁତ କମ୍ ସମୟ ମଧ୍ୟରେ ୧୭ ମିଟର ବିପଦ ସଙ୍କେତକୁ ଅତିକ୍ରମ କରି ୧୯.୨ ମିଟରରେ ପହଞ୍ଚିଥିଲା ବୋଲି ସେ କହିଛନ୍ତି ।

ଜେଲ୍ ଗଲେ ବିଦ୍ୟାଭାରତୀ

ଭୁବନେଶ୍ୱର,୨।୧୧(ମହାଭାରତ): ବହୁ ଚର୍ଚ୍ଚିତ ଇଉର ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି ପାରଳାଖେମୁଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଦେବା ପରେ ସେ ଆତ୍ମସମର୍ପଣ କରିଥିଲେ। ସେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। କିନ୍ତୁ



ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ କୋର୍ଟ। ଏହା ସହିତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତା' ପରେ ବିଦ୍ୟାଭାରତୀ ପଣ୍ଡାଙ୍କୁ ପାରଳାଖେମୁଣ୍ଡି ଜେଲ୍‌କୁ ନିଆଯାଇଥିଲା।

ଏହି ମାମଲାରେ ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତ- ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ମହାପାତ୍ର ଓ ରୋଷେୟା ଗିରଫ ହୋଇଛଥିବା ବେଳେ ସେମାନେ ମଧ୍ୟ ପାରଳାଖେମୁଣ୍ଡି ଜେଲ୍‌ରେ ଅଛନ୍ତି। ବିଦ୍ୟାଭାରତୀ ପଣ୍ଡାଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁକ୍ରବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। କୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ଶନିବାର କୋର୍ଟ ତାଙ୍କ ରାୟ ଦେଇଥିଲେ। କୋର୍ଟଙ୍କ ରାୟ ବିଦ୍ୟାଭାରତୀଙ୍କ ବିପକ୍ଷରେ ଯାଇଥଲା। ତା ପରଠାରୁ ତାଙ୍କ ଗିରଫ ସମ୍ଭାବନା ବୃଦ୍ଧି ପାଇଥିଲା।ସୁପ୍ରିମକୋର୍ଟରୁ ନିରାଶ ହେବା ପରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଦ୍ୟାଭାରତୀ। ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସମେତ ହାଇକୋର୍ଟରେ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ହାଇକୋର୍ଟ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ସେପ୍ଟେମ୍ବର ୯ ତାରିଖରେ ରାୟ ଶୁଣାଇ ହାଇକୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ କୋର୍ଟ।



ଜୀବନଚର୍ଯ୍ୟା



ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍‌ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ୍, ଲେମ୍ବୁ ରସ, କାଜୁ ପେଷ୍ଟ୍, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।


ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



ଖବର

ସୂର୍ଯ୍ୟାସ୍ତ ପରେ କେଉଁ କାର୍ଯ୍ୟ ବର୍ଜନୀୟ



ହିନ୍ଦୁ ଧର୍ମରେ ଶାସ୍ତ୍ର ଅନୁଯାୟୀ କେତୋଟି କାର୍ଯ୍ୟ ସୂର୍ଯ୍ୟାସ୍ତ ପରେ କରିବା ଉଚିତ ନୁହେଁ। ପୌରାଣିକ ମାନ୍ୟତା ଅନୁଯାୟୀ, ଜ୍ୟୋତିଷ ଶାସ୍ତ୍ରରେ ଏପରି କେତେକ କଥା ବର୍ଣ୍ଣନା କରାଯାଇଛି, ଯାହାକୁ ବର୍ତ୍ତମାନ ସମୟରେ ମଧ୍ୟ ଲୋକେ ପାଳନ କରିଥାଆନ୍ତି। ସନ୍ଧ୍ୟା ପରେ କରୁଥିବା ଏହି ବର୍ଜନୀୟ କାର୍ଯ୍ୟ କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ଜୀବନରେ ବହୁ ବାଧାବିଘ୍ନ ମଧ୍ୟ ସୃଷ୍ଟି ହୋଇଥାଏ। ଏହାସହ ସେହି ସମସ୍ତ ବର୍ଜନୀୟ କାର୍ଯ୍ୟ ନକରିବାର କିଛି ବୈଜ୍ଞାନିକ କାରଣ ମଧ୍ୟ ରହିଛି।

ମାନ୍ୟତା ଅନୁଯାୟୀ, ରାତିରେ ଲୁଗା ସଫା କରିବା ଉଚିତ ନୁହେଁ। ପୌରାଣିକ ମାନ୍ୟତା ଅନୁଯାୟୀ, ରାତିରେ ଲୁଗା ଧୋଇ ବାହାରେ ଶୁଖାଇବା ଦ୍ୱାରା ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ବ୍ୟକ୍ତିଙ୍କ ଉପରେ କୁପ୍ରଭାବ ପଡ଼ିଥାଏ। ଏହାସହ ସକାଳ ସମୟରେ ସୂର୍ଯ୍ୟଙ୍କ କିରଣରେ ଲୁଗା ଶୁଖିବା ଦ୍ୱାରା ଏଥିରେ ଥିବା ଜୀବାଣୁ ମଧ୍ୟ ନଷ୍ଟ ହୋଇଥାଆନ୍ତି। ରାତିରେ କ୍ଷୀର ହେଉ ଅଥବା ଅନ୍ୟ ଖାଦ୍ୟପଦାର୍ଥ ଏହାକୁ ଘୋଡେଇ ରଖିବା ଉଚିତ। ଏହାକୁ ଫ୍ରିଜରେ ରଖିଲେ ମଧ୍ୟ ଘୋଡ଼େଇ ରଖିବା ଉଚିତ। ଖାଦ୍ୟ ଖୋଲା ରହିଲେ ଏଥିରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ମାନ୍ୟତା ରହିଛି। ବୈଜ୍ଞାନିକ କାରଣ ଅନୁଯାୟୀ, ଖାଦ୍ୟ ଖୋଲା ରହିବା ଦ୍ୱାରା ଏଥିରେ ଧୂଳି ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବାଣୁ ପ୍ରବେଶ କରିବା ଦ୍ୱାରା ବିଭିନ୍ନ ରୋଗ ମଧ୍ୟ ହୋଇଥାଏ। ମାନ୍ୟତା ଅନୁଯାୟୀ, ସୂର୍ଯ୍ୟାସ୍ତ ପରେ ସ୍ନାନ କରିବା ପରେ ମଥାରେ ତିଳକ ଲଗାଇବା ଉଚିତ ନୁହେଁ। ଏହାସହ ଏହାର ବୈଜ୍ଞାନିକ କାରଣ ହେଉଛି ରାତିରେ ଶୋଇବା ସମୟରେ ଏହି ତିଳକ ଅଜାଣତରେ ଆଖି ପଡ଼ିଲେ ଚକ୍ଷୁ ପାଇଁ ଏହା କ୍ଷତିକାରକ ହୋଇଥାଏ। ରାତିରେ କ୍ଷୀର ପିଇବା ସମୟରେ ଏଥିରେ ସାମାନ୍ୟ କେସର କିମ୍ବା ହଳଦୀ ମିଶାଇ ପିଅନ୍ତୁ। ଖାଲି କ୍ଷୀର ପିଇବା ଦ୍ୱାରା ଥଣ୍ଡା ଜନିତ ସମସ୍ୟା ସହ କାଶ ମଧ୍ୟ ହୋଇଥାଏ। ବାରମ୍ବାର ଦେହ ଖରାପ ହୋଇ ଶୋଇ ରହିଲେ ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏହାସହ ସୂର୍ଯ୍ୟାସ୍ତ ପରେ ଭୁଲରେ ମଧ୍ୟ ମହିଳା ହୁଅନ୍ତୁ ଅଥବା ପୁରୁଷ କେଶ କାଟିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ କ୍ରୋଧ କରିବା ସହ ନକାରାତ୍ମକ ଶକ୍ତି ମଧ୍ୟ ପ୍ରବେଶ କରିଥାଏ।

ମୋହିନୀ ସ୍ୱରୂପ



ଶ୍ରୀହରି ମୋହିନୀ ଅବତାର ଧାରଣ କରିଥିଲେ। ସମୁଦ୍ର ମନ୍ଥନ ସମୟରେ ଅମୃତ ବାହାରିଲା। ଏହି ସମୟରେ ଭଗବାନ ବିଷ୍ଣୁ ମୋହିନୀ ଅବତାର ଧାରଣ କରିଥିଲେ ଏବଂ ସେ ଦେବତାଙ୍କୁ ଅମୃତ ବିତରଣ କରିଥିଲେ। ମୋହିନୀ ଅବତାର ନେଇନଥିଲେ ଅସୁରମାନେ ଅମୃତ ଛଡ଼ାଇ ନେଇ ପିଇ ଦେଇଥାନ୍ତେ। ମୋହିନୀ ଅବତାରରେ ଶ୍ରୀହରି ଦେବତାମାନଙ୍କୁ ଅମୃତ ଦେବା ସହିତ ଅସୁରମାନଙ୍କୁ ସାଧାରଣ ପାନୀୟ ପିଆଇ ଦେଇଥିଲେ । ପୌରାଣିକ ମତାନୁଯାୟୀ, ଭଗବାନ ବିଷ୍ଣୁ ମୋହିନୀ ରୂପକୁ ହିଁ ଭଗବାନ ଅୟପ୍ପାଙ୍କ ମାତା ବୋଲି ଗ୍ରହଣ କରାଯାଇଥାଏ । ଶ୍ରୀହରିଙ୍କ ମୋହିନୀ ରୂପ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସେ ଏହି ରୂପ ଲୋକକଲ୍ୟାଣ ଉଦ୍ଦେଶ୍ୟରେ ଧାରଣ କରିଥିଲେ। ଏହି ରୂପରେ ଶ୍ରୀହରି ଅତ୍ୟନ୍ତ ସୁନ୍ଦର ଯୁବା ମହିଳା ରୂପରେ ପ୍ରକଟ ହୋଇଥିଲେ । ଅଗ୍ନି ପୁରାଣରେ ଉଲ୍ଲେଖ ରହିଛି ଯେ ଅମୃତ ବଣ୍ଟନ ନିମନ୍ତେ ଶ୍ରୀହରି ଅର୍ଥାତ୍ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରିଥିଲେ। ତାଙ୍କର ଏହି ରୂପ ପ୍ରତି ଆକର୍ଷିତ ହୋଇପଡ଼ିଥିଲେ ଭଗବାନ ଶିବ । ଶିବ ଯେଉଁ ସ୍ଥାନରେ ସ୍ଖଳିତ ହୋଇପଡ଼ିଥିଲେ ତାହା ଏବେ ଗଙ୍ଗୋତ୍ରୀ ନାମରେ ପ୍ରସିଦ୍ଧ। ଶିବଙ୍କ ସେହି ତତ୍ତ୍ୱ ଏବେ ଅମୂଲ୍ୟ ପାରଦ ରୂପ ଧାରଣ କରିଛି । ଗଙ୍ଗା ଜଳରେ ପାରଦର ଅଂଶ ରହିଛି । ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ ପାରଦ ହିଁ ସମ୍ପୂର୍ଣ୍ଣ ସୃଷ୍ଟି ଏବଂ ଜୀବଜଗତର ମୂଳଆଧାର ।

ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ



ଭାଗବତ ମହାତ୍ମ୍ୟରେ ଏକ ଶ୍ଲୋକ ରହିଛି । "ସଚ୍ଚିଦାନନ୍ଦରୂପାୟ ବିଶୋତ୍ପତ୍ୟାଦିହେତବେ । ତାପତ୍ରୟବିନାଶାୟ ଶ୍ରୀକୃଷ୍ଣାୟ ବୟଂ ନମଃ" ଏହି ଶ୍ଲୋକଟି ସଚ୍ଚିଦାନନ୍ଦରୂପାୟରୁ ଆରମ୍ଭ ହେଉଛି । ଏହାର ଅର୍ଥ ଭାଗବତରେ ଭଗବାନଙ୍କୁ ତିନୋଟି ସ୍ୱରୂପ- ସତ୍, ଚିତ୍ତ ଏବଂ ଆନନ୍ଦ ରୂପେ ଦର୍ଶାଯାଇଛି । ତେଣୁ ଭଗବାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ସତ୍, ଚିତ୍ତ ଏବଂ ଆନନ୍ଦ ମାର୍ଗ ଦେଇ ଯିବାକୁ ପଡ଼ିଥାଏ । ଏହି ତିନୋଟି ବାଟ ଦେଇ ଭଗବାନଙ୍କ ନିକଟରେ ପହଞ୍ଚିହେବ । ଚାହିଁବାମାତ୍ରେ ଭଗବାନ ଚତୁର୍ଭୁଜ ରୂପରେ ପ୍ରକଟ ହୋଇଯିବେ ନାହିଁ । ଭଗବାନଙ୍କ ପ୍ରଥମ ସ୍ୱରୂପ ହେଉଛି ସତ୍ୟ । ତେଣୁ ସତ୍ୟ ମାର୍ଗରେ ଗଲେ ଭଗବାନଙ୍କ ନିକଟତର ହୋଇପାରିବେ । ଚିତ୍ତ ଭଗବାନଙ୍କ ଆଉ ଏକ ସ୍ୱରୂପ । ମନୁଷ୍ୟ ନିଜର ଚିତ୍ତ ବା ହୃଦୟରେ ସର୍ବଦା ଭଗବାନଙ୍କୁ ସ୍ମରଣ କରିବା ଆବଶ୍ୟକ। ଏହାଦ୍ୱାରା ହୃଦୟରେ ଭଗବାନ ବାସ କରିବେ ତଥା ମନୁଷ୍ୟର ଚିତ୍ତ ଶୁଦ୍ଧ ହୋଇପାରିବ । ସେହିପରି ଆନନ୍ଦ ମନୁଷ୍ୟର ମୂଳ ସ୍ୱଭାବ । ଏହାସତ୍ତ୍ୱେ ମନୁଷ୍ୟ ଜଞ୍ଜାଳରେ ବୁଡ଼ିଯାଇ ଜୀବନର ଆନନ୍ଦ ନେବାକୁ ଭୁଲିଯାଇଥାଏ । ତେଣୁ ସତ୍, ଚିତ୍ତ ଏବଂ ଆନନ୍ଦ ଜରିଆରେ ଭଗବାନଙ୍କୁ ପ୍ରାପ୍ତି କରିବା ସମ୍ଭବ । ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେଲେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ହେବାର ଆବଶ୍ୟକତା ନାହିଁ । ଘର ଛାଡ଼ି ତୀର୍ଥ ବୁଲିବା ଦରକାର ନାହିଁ କିମ୍ବା କଠୋର ରାସ୍ତାରେ ଯାଇ କଠିନ ତପ କରିବାର ଆବଶ୍ୟକତା ନାହିଁ । ଜୀବନରେ ସତ୍ୟ ମାର୍ଗରେ ଗମନ କରିବା ସହ ଚିତ୍ତରେ କେବଳ ଈଶ୍ୱରଙ୍କୁ ସ୍ମରଣ କରିବା ଦ୍ୱାରା ଭଗବତ୍ ପ୍ରାପ୍ତିର ଆନନ୍ଦ ମନୁଷ୍ୟ ପାଇପାରିବ ।

ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍

ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା



ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା। ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତ୍ତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

ଜଳ ନିଷ୍କାସନ ପଥ ଓ ଜଳାଶୟ ସୁରକ୍ଷା ନେଇ ବୈଠକ

ଭୁବନେଶ୍ୱର,୨।୧୧ (ମହାଭାରତ): ସହରାଂଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଂଚା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଛି ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ । ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସ୍‌ଓପି) ଉପରେ ଆଲୋଚନା ପାଇଁ ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।



ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଅଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ସହର ଯୋଜନା ଓ ଭିତିଭୂମି ବିକାଶ ସମୟରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ସହରାଂଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ସେ ଜୋର୍ ଦେଇଥିଲେ ।

ପ୍ରସ୍ତାବିତ ଏସ୍‌ଓପିର ମୁଖ୍ୟ ନୀତି ହେଉଛି "ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି ନିଟ୍ କ୍ଷତି ନହେବା" । ଏହାର ଉଦ୍ଦେଶ୍ୟ ହେଉଛି, ବିକାଶମୂଳକ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ପଥର ସଂଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ନହେବା କିମ୍ବା ଅତିରିକ୍ତ ବର୍ଷାଜଳ ଧାରଣ କରୁଥିବା ଅଂଚଳଗୁଡ଼ିକର ସଂରକ୍ଷଣ କ୍ଷମତା ହ୍ରାସ ନପାଇବା ସୁନିଶ୍ଚିତ କରିବା । ଏହି ଢାଂଚା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଂଚଳରେ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ନେଟୱର୍କ ଓ ଜଳାଶୟଗୁଡ଼ିକର ସର୍ଭେ, ଭୌଗୋଳିକ ଅବସ୍ଥିତି ନିର୍ଦ୍ଧାରଣ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ଆଧାରିତ ମାନଚିତ୍ର ପ୍ରସ୍ତୁତି କରାଯିବା ପ୍ରସ୍ତାବ ରହିଛି । ଏହି ତଥ୍ୟଗୁଡ଼ିକୁ ସହରାଂଚଳ ବିକାଶ ଯୋଜନା, ଜମି ବ୍ୟବହାର ଯୋଜନା ଏବଂ ସମନ୍ୱିତ ବର୍ଷାଜଳ ନିଷ୍କାସନ ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ । ଏହାଦ୍ୱାରା ଯୋଜନା ପ୍ରସ୍ତୁତି, ନିର୍ମାଣ ଅନୁମତି ପ୍ରକ୍ରିୟା ଓ ବନ୍ୟା ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ପ୍ରସ୍ତାବରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ଏବଂ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ଟାସ୍କଫୋର୍ସ ଗଠନର ବ୍ୟବସ୍ଥା ମଧ୍ୟ ରହିଛି । ଏହି କମିଟି ଓ ଟାସ୍କଫୋର୍ସଗୁଡ଼ିକ ଜଳ ନିଷ୍କାସନ ପଥ ଓ ଜଳାଶୟଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଏବଂ ନିରୀକ୍ଷଣ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପ୍ରସ୍ତାବିତ ହୋଇଛି । ଏଥିସହ ନିୟମିତ ଯାଂଚ, ବିଶେଷକରି ମୌସୁମୀ ପୂର୍ବରୁ ନିରୀକ୍ଷଣ, ଜବରଦଖଲ ଓ ପୁନରୁଦ୍ଧାର ସମ୍ପର୍କିତ ପଦକ୍ଷେପର ଡିଜିଟାଲ୍ ଦଲିଲୀକରଣ ଏବଂ ନିୟମିତ ତଦାରଖ ବ୍ୟବସ୍ଥା ଗ୍ରହଣ କରାଯିବା ପ୍ରସ୍ତାବ ରହିଛି ।

ଓଡ଼ିଶାର ଅଖଣ୍ଡତା ରକ୍ଷା ପାଇଁ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର,୨।୧୧ (ମହାଭାରତ): କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ଆନ୍ତଃରାଜ୍ୟ ସୀମା ବିବାଦ ପ୍ରସଙ୍ଗରେ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା ଓ ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ବିବାଦର ସମାଧାନ ପାଇଁ ଆଇନଗତ ଓ ସାମ୍ବିଧାନିକ ଉପାୟ ଅବଲମ୍ବନ କରାଯିବା ସହ ନ୍ୟାୟିକ ପ୍ରକ୍ରିୟାକୁ ସମ୍ମାନ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତରରେ ମୋହନ ମାଝୀ କହିଛନ୍ତି ଯେ, ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାଠାରୁ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି । ସୀମା ବିବାଦ ସମ୍ପର୍କରେ ନବୀନ ପଟ୍ଟନାୟକ ଅକ୍ଟୋବର ୧୯ ତାରିଖରେ ଲେଖିଥିବା ଚିଠିର ଜବାବରେ ମୁଖ୍ୟମନ୍ତ୍ରୀ ଏହି ପତ୍ର ଲେଖିଛନ୍ତି ।

ନବୀନ ପଟ୍ଟନାୟକଙ୍କ ଚିଠିରେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖାଯାଇଥିବା ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି । ଏହା ପରିବର୍ତ୍ତେ ବିବାଦର ସମାଧାନ ପାଇଁ ଗଠନମୂଳକ ଓ ଆଇନସମ୍ମତ ପ୍ରସ୍ତାବ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ସେ କହିଛନ୍ତି । ରାଜ୍ୟର ଭୌଗୋଳିକ ଅଖଣ୍ଡତା ଓ ଆଇନସମ୍ମତ ସ୍ୱାର୍ଥର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଇନ ଓ ସମ୍ବିଧାନ ଅନୁଯାୟୀ ପଦକ୍ଷେପ ନେଇ ଚାଲିଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । କୋଟିଆ ଓ ଏହାର ଆଖପାଖ ଅଞ୍ଚଳର ବିକାଶକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ସ୍ଥାନୀୟ ଲୋକଙ୍କ ସମାବେଶୀ ଅଭିବୃଦ୍ଧି, ସରକାରୀ ସେବାର ଉନ୍ନତ ପ୍ରଦାନ ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କୋଟିଆ ଗ୍ରାମପଞ୍ଚାୟତ ଅଞ୍ଚଳର ସମନ୍ୱିତ ବିକାଶ ତଦାରଖ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି ।

ଜୁହାର ଓଡିଶା ଦିବସ ଓ ପ୍ରତିଭା ସମ୍ମାନ ସମାରୋହ

ଭୁବନେଶ୍ୱର,୨।୧୧ (ମହାଭାରତ): ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ପକ୍ଷରୁ ୧୪ତମ 'ଜୁହାର ଓଡ଼ିଶା ଦିବସ' ପାଳନ ଅବସରରେ 'ପ୍ରତିଭା ଉତ୍ସବ–୨୦୨୬' ଏବଂ 'ଭାରତ ସେବା ରତ୍ନ ସମ୍ମାନ–୨୦୨୬' ସମାରୋହ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ, ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି ।

ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଂଯୋଜନା ରେ ଆୟୋଜିତ ଏହି

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ,ସମ୍ମାନିତ ଅତିଥି ଭାବେ, ଆର୍ଯ୍ୟ ସମାଜ, ଓଡିଶାର ସଭାପତି, ସଂସ୍କୃତି ପୁରୁଷ ଡ଼ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ବତନ ପ୍ରଶାସକ ଡ. ଭାରତ ଭୂଷଣ ଜଗଦେବ ଓ ପୁରୀ ର ସମାଜସେବୀ କବି ବଦ୍ରି ମିଶ୍ର, ଜୁହାର ଓଡିଶା ମାଧ୍ୟମରେ ପଶ୍ଚିମ ଓ ପୂର୍ବ ଓଡିଶା କୁ ଯୋଡିବାର ଏହା ଏକ ମହାନ ପ୍ରୟାସ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ଶ୍ରୀ ଚନ୍ଦନ,ସୁରେଶ ପଣ୍ଡା, ସାହିତ୍ୟିକ ଅଶୋକ ଶତପଥୀ, ରଶ୍ମି ରାୟ, ସଙ୍ଗୀତ ବିଶାରଦ ସଂଯୁକ୍ତା ଷଡ଼ଙ୍ଗୀ, ମୀନା ଦାଶ ଓ ବସୁମତୀ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଅତିଥିମାନେ ଜୁହାର ଓଡ଼ିଶା ଦିବସର ମହତ୍ତ୍ୱ, ପଶ୍ଚିମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା, ଲୋକକଳା ଓ ଐତିହ୍ୟର ସୁରକ୍ଷା ସହ ନୂତନ ପିଢ଼ି ମଧ୍ୟରେ ଏହାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବିଭିନ୍ନ କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରି ସମାଜ ସମ୍ମୁଖକୁ ଆଣିବାରେ ହାପି ମୋମେଣ୍ଟସ୍ ଇଣ୍ଡିଆର ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ବଂଶୀଧର ମହାପାତ୍ରଙ୍କ ସଂଯୋଜନାରେ ଏହି ସମାରୋହରେ ଶିକ୍ଷା, ସାହିତ୍ୟ, ସଙ୍ଗୀତ, ଅଭିନୟ ଓ ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରତିଭାଧରମାନଙ୍କୁ 'ଭାରତ ସେବା ରତ୍ନ ସମ୍ମାନ–୨୦୨୬'ରେ ମୁଖ୍ୟ ଅତିଥି ପ୍ରଫେସର ରଥ, ସ୍ମୃତି ଫଳକ, ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରି ଥିଲେ କ୍ଷକ୍ଷ ସମ୍ମାନିତ ବ୍ୟକ୍ତିତ୍ୱମାନେ ନିଜ ନିଜର ଅଭିଜ୍ଞତା, ସଂଘର୍ଷ ଓ ସଫଳତାର ଅନୁଭୂତି ବାଣ୍ଟି ଉପସ୍ଥିତ ଜନସାଧାରଣଙ୍କୁ ପ୍ରେରଣା ଯୋଗାଇଥିଲେ । ଏହି ଅବସରରେ ଅଧାପିକା ଜ୍ୟୋସ୍ନାରାଣୀ ପଣ୍ଡା, ମୀନା ଦାଶ, ରାଜକିଶୋର ସାହୁ, ପ୍ରମୋଦ ଦାଶ, ବିମଳ ପଟ୍ଟନାୟକଙ୍କ ସମେତ ବହୁ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭିକ ଅଭିଭାଷଣରେ ଡ. ପ୍ରକାଶ ଶ୍ରୀଚନ୍ଦନ ଅନୁଷ୍ଠାନର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ବାତ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨।୧୧ (ମହାଭାରତ): ସୃଷ୍ଟି ହୋଇଥିବା ବାତ୍ୟା"ଅର୍ଣ୍ଣବ"ର ଓଡ଼ିଶାରେ ପ୍ରଭାବ ସଂପର୍କିତ ସ୍ଥିତି, ଏହାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରବର୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବୁଧବାର ସମୀକ୍ଷା କରିଛନ୍ତି । ଏ ସଂପର୍କରେ ଏସଆରସିଶ୍ରୀ ରାଜେଶ ପ୍ରଭାକର ପାଟିଲ, ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ଅବଗତ କରାଇଥିଲେ । ଏହି ବୈଠକରେ ବାତ୍ୟା ପୂର୍ବ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବାତ୍ୟାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ସଂପର୍କରେ ଏସଆରସି ଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ।

ସମସ୍ତ ଜିଲ୍ଲା ନିୟନ୍ତ୍ରଣ କକ୍ଷ ୨୪ ଘଂଟା କାର୍ଯ୍ୟକ୍ଷମ ରହିଥିବା ବେଳେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ



କରାଯାଇଛି । ପ୍ରଭାବିତ ଅଂଚଳରେ ସମସ୍ତ ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ୮ଟି ପ୍ରଭାବିତ ଜିଲ୍ଲାରେ ୩୨୪ଟି ସକ୍ରିୟ ଆଶ୍ରୟସ୍ଥଳରେ ୩୧,୨୫୫ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ରାଜ୍ୟରେ ମୋଟ ୨,୦୬୭ଟି (୧୪୧ ସ୍ଥାୟୀ + ୧,୯୨୬ ଅସ୍ଥାୟୀ) ଆଶ୍ରୟସ୍ଥଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି । ଚିହ୍ନଟ ହୋଇଥିବା ୪,୧୩୯ ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୨,୨୪୫ ଜଣଙ୍କୁ ନିକଟସ୍ଥ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି । ସମୁଦ୍ରରୁ ୧୧,୯୫୫ ଓ ଚିଲିକାରୁ ୭,୧୮୮ ଏହିଭଳି ମୋଟ ୧୯,୧୪୩ଟି ମାଛଧରା ଡଙ୍ଗାକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି । ଗତ ୨୪ ଘଂଟା ମଧ୍ୟରେ ଆଜି ସକାଳ ୮.୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୩.୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୪ଟି ବ୍ଲକ୍ ଏବଂ ୩ଟି ସହରାଂଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଛି । ସର୍ବାଧିକ ବର୍ଷା ହୋଇଥିବା ବ୍ଲକ୍: କୋରାପୁଟର ପଟ୍ଟାଙ୍ଗି (୧୮୮.୦ ମିମି), ଗଜପତିର ମୋହନା (୧୮୨.୪ ମିମି), ଗଞ୍ଜାମ ବ୍ଲକ୍ (୧୬୧.୪ ମିମି), ଛତ୍ରପୁର (୧୫୪.୬ ମିମି) ଏବଂ ସିମିଳିଗୁଡ଼ା (୧୪୩.୧ ମିମି) । ଜିଲ୍ଲାଗୁଡିକରେ ହାରାହାରି ବର୍ଷା ମଧ୍ୟରେ ଗଜପତି (୧୨୧.୨ ମିମି), ଗଞ୍ଜାମ (୮୩.୧ ମିମି), କୋରାପୁଟ (୬୧.୦ ମିମି) ଏବଂ ପୁରୀ (୫୪.୨ ମିମି) ରହିଛି ।

ସାରା ରାଜ୍ୟରେ ମୋଟ ୬୨ଟି ଓଡ୍ରାଫ୍ , ୯ଟି ଏନଡିଆରଏଫ୍ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ ହୋଇଛନ୍ତି । ଏଥିସହିତ ୧,୫୧୦ଟି ପାୱାର ଚେନ୍-ସ', ୨୨୫ଟି ଟୋଇଂ ଟେଣ୍ଡର, ୧୧୦ଟି ଡଙ୍ଗା, ୧୩୫ ଟି ଜଳ ନିଷ୍କାସନ ପମ୍ପ ଓ ୨୨୫ଟି ଟାୱାର ଲାଇଟ୍ ମୁତୟନ ଅଛି । ବାତ୍ୟା ପ୍ରଭାବିତ ୮ଟି ଜିଲ୍ଲା ପାଇଁ ସରକାର ୧୯ କୋଟି ଟଙ୍କାର ରିଲିଫ୍ ସହାୟତା ମଞ୍ଜୁର କରିଛନ୍ତି । ଗଞ୍ଜାମ ଜିଲ୍ଲାକୁ ୫ କୋଟି ଏବଂ ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳକୁ ୨ କୋଟି ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଛୁଡ଼ା, ଗୁଡ଼, ଚାଉଳ, ବିସ୍କୁଟ୍, ପଲିଥିନ୍ ଏବଂ ଆଂଟି-ସର୍ପ ଭେନମ୍ ଯଥେଷ୍ଟ ପରିମାଣରେ ମହଜୁଦ ରଖାଯାଇଛି ।

କିଟ୍ ଓ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୧୧ (ମହାଭାରତ): କଳା, ସଂସ୍କୃତି ଓ ସ୍ଥାପତ୍ୟ କ୍ଷେତ୍ରରେ ଅଧ୍ୟୟନ ଏବଂ ଗବେଷଣାକୁ ସୁଦୃଢ଼ କରିବା ସହ ଭାରତୀୟ ଇତିହାସ ସମ୍ବନ୍ଧୀୟ ପୁରାତନ ଦସ୍ତାବିଜର ଡିଜିଟାଇଜେସନ୍‌କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନ୍‌ସିଏ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଆଇଜିଏନ୍‌ସିଏ ପକ୍ଷରୁ ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣା ଉପରେ ଡ. ଯୋଶୀ ସନ୍ତୋଷ ବ୍ୟକ୍ତ କରିବା ସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକଳାପ କ୍ଷେତ୍ରରେ କିଟ୍‌ର ଅବଦାନକୁ ପ୍ରଶଂସା କରିଥିଲେ । ସେ କହିଲେ, କିଟ୍ ଭାରତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏହି ପଦକ୍ଷେପ କଳା, ସଂସ୍କୃତି ଓ ଏହା ସହିତ ସଂପୃକ୍ତ ବିଷୟଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପକାରୀ ହେବ ।



ଓଡ଼ିଶା ନିଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ପରିଚିତ । ଏହି ସହଯୋଗ ମାଧ୍ୟମରେ ଐତିହ୍ୟର ଡକୁମେଣ୍ଟେସନ କ୍ଷେତ୍ରରେ ନୂତନ ପ୍ରକଳ୍ପ ହାତକୁ ନିଆଯାଇପାରିବ । ଶିକ୍ଷା ସହିତ କଳା ଓ ସଂସ୍କୃତି କ୍ଷେତ୍ରରେ ଡ. ସାମନ୍ତଙ୍କ ନିଷ୍ଠା ଓ ଅବଦାନ ପାଇଁ ମଧ୍ୟ ସେ କୃତଜ୍ଞତା ଜଣାଇଥିଲେ । କିଟ୍‌ର ବରିଷ୍ଠ ମହାନିର୍ଦ୍ଦେଶକ ପ୍ରଫେସର ଏସ ଏସ ରାୟ କହିଲେ, କଳା ଓ ସାଂସ୍କୃତିକ ଅଧ୍ୟୟନ କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ । ଏହି ସହଯୋଗ ଦ୍ୱାରା ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ, ଗବେଷଣା ଓ ଶିକ୍ଷାଗତ କାର୍ଯ୍ୟକ୍ରମ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ । ଏହି ଅବସରରେ ଡ. ଯୋଶୀ ନିଜ ରଚିତ ପୁସ୍ତକ 'ଦ କଲଚରାଲ୍ ରେନେସାଁ'ର ଏକ କପି ଶ୍ରୀ ସାମନ୍ତଙ୍କୁ ପ୍ରଦାନ କରିଥିଲେ । ଏହି ବୁଝାମଣା ଦୁଇ ଅନୁଷ୍ଠାନ ମଧ୍ୟରେ ଆନୁଷ୍ଠାନିକ ସଂପର୍କକୁ ଆହୁରି ମଜବୁତ କରିବା ସହ ଉଚ୍ଚଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବ । ଏହାଦ୍ୱାରା ଗବେଷଣାର ପ୍ରସାର, ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ କଳା ଓ ସଂସ୍କୃତି କ୍ଷେତ୍ରରେ ନୂତନ ଶିକ୍ଷାଗତ ସୁଯୋଗ ସୃଷ୍ଟି ହୋଇପାରିବ । ଏହି ସହଯୋଗ ଅଧୀନରେ ମିଳିତ ଶିକ୍ଷାଗତ କାର୍ଯ୍ୟକ୍ରମ, ଗବେଷଣା ପ୍ରକଳ୍ପ ଏବଂ ଐତିହାସିକ ଦସ୍ତାବିଜର ଡିଜିଟାଇଜେସନ୍ ସମେତ ବିଭିନ୍ନ ପଦକ୍ଷେପ ହାତକୁ ନିଆଯିବ । ଏହି ପ୍ରୟାସ ଭାରତର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ଦଲିଲୀକରଣ ଓ ବ୍ୟାପକ ପ୍ରସାରରେ ସହାୟକ ହେବ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ଆଇଜିଏନ୍‌ସିଏ ପକ୍ଷରୁ ଡ. ଅଭୟ ମିଶ୍ର ଓ ଶଙ୍କରଜିତ୍ ଦେ; କିଟ୍‌ର ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ ଓ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି; ଏବଂ କିଟ୍ ଆର୍ଟ ଏକାଡେମୀର ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଟିପିଏସ୍‌ଓଡିଏଲ୍‌ସିଇଓର ବିଦ୍ୟୁତ ଯୋଗାଣ

ଭୁବନେଶ୍ୱର,୨।୧୧ (ମହାଭାରତ): ଟିପିସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ)ର ସିଇଓ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ସହ ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରଭାବିତ ଆସିକା, ଶେରଗଡ଼ ଓ ସାନଖେମୁଣ୍ଡି ଅଞ୍ଚଳ ଗସ୍ତ କରି ବିଦ୍ୟୁତ୍‌ଯୋଗାଣ ପୁନଃସ୍ଥାପନ କାର୍ଯ୍ୟର ସମୀକ୍ଷା କରିବାସହ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଗସ୍ତ ସମୟରେ ଶ୍ରୀ ଗର୍ଗ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସେମାନେ ସାମ୍ନା କରିଥିବା ସମସ୍ୟା ଏବଂ ଅନୁଭୂତି ବିଷୟରେ ପଚାରି ବୁଝିଥିଲେ । ଏଥିସହ ସେ ବିଦ୍ୟୁତ୍ ପୁନଃସ୍ଥାପନ କାର୍ଯ୍ୟରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ପ୍ରଭାବିତ ଅଞ୍ଚଳରେ ଚାଲିଥିବାକାର୍ଯ୍ୟର ସମୀକ୍ଷା କରିବା ସହ କାର୍ଯ୍ୟ ସମୟରେ କର୍ମଚାରୀମାନେ ସାମ୍ନା କରୁଥିବା ସମସ୍ୟା ଓ ଆହ୍ୱାନ ସମ୍ପର୍କରେ ଅବଗତ ହୋଇଥିଲେ । ଏହି ଆଲୋଚନା ମାଧ୍ୟମରେ କ୍ଷେତ୍ରସ୍ତରରେ ଆବଶ୍ୟକତା ଗୁଡ଼ିକୁ ଆକଳନ କରିବା ସହ ବିଦ୍ୟୁତ୍ ଯୋଗାଣ ଶୀଘ୍ର ସ୍ୱାଭାବିକ କରିବା ପାଇଁ ବିଭିନ୍ନ ଦଳ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶ୍ରୀଗର୍ଗଙ୍କ ନେତୃତ୍ୱରେ ଟିପିଏସ୍‌ଓଡିଏଲ୍ ନିଜର ଆଠଟି ଜିଲ୍ଲାର କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ବିଦ୍ୟୁତ୍ ପୁନଃସ୍ଥାପନ କାର୍ଯ୍ୟକୁ ସମନ୍ୱିତ ଭାବେ ଆଗେଇ ନେଉଛି । ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ ହୋଇଥିବା ବେଳେ ଅନ୍ୟ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଏହି କାର୍ଯ୍ୟ ଜାରି ରହିଛି । ଜଳବନ୍ଦୀସ୍ଥିତି, ରାସ୍ତାରେ ପଡ଼ିଥିବା ଗଛ ଓ ଅନ୍ୟାନ୍ୟ ଆବର୍ଜନା ତଥା ଦୁର୍ଗମସ୍ଥାନରେ କାର୍ଯ୍ୟ କରିବାର ଆହ୍ୱାନ ସତ୍ତ୍ୱେକ୍ଷତିଗ୍ରସ୍ତ ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମିର ମରାମତି ଏବଂ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ କ୍ଷେତ୍ରୀୟ ଦଳଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଛନ୍ତି ।

ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨।୧୧ (ମହାଭାରତ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭି.ଏସ୍.ଏସ୍.ନଗର କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ଭଉଣୀ ବି.କେ.ସୁଚେତା କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବାବେଳେ ବାର୍ଷିକ ଉତ୍ସବ ଅବସରରେ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହା ପୂର୍ବରୁ ତିନିଦିନ ବ୍ୟାପି ଏକ ଚୈତନ୍ୟ ନବ ଦୁର୍ଗା ଝାଙ୍କିର ଆୟୋଜନ କରାଯିବା ସହିତ ଆଧାତ୍ମିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁ, ଭି.ଏସ୍.ଏସ୍.ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଓ ବ୍ରିଗେଡ଼ିଅର ହରିହର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚୈତନ୍ୟରେ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ମହିଷାସୁର, ଗଣେଷ ଓ କାର୍ତ୍ତିକ ଆଦି ଦେବ ଦେବୀଙ୍କ ବେଶରେ ସଜେଇ ହୋଇ ବ୍ରହ୍ମକୁମାରୀ ମାନେ ଦର୍ଶନ ଦେଇଥିଲେ ।

ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ସପ୍ତାହ ଅବସରରେ ରକ୍ତଦାନ

ଭୁବନେଶ୍ୱର,୨।୧୧ (ମହାଭାରତ): ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଭାରତରତ୍ନ, ଲୌହ ମାନବୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ସପ୍ତାହ ବ୍ୟାପି ବଳିଦାନ ଦିବସ ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଇନ୍ଦିରା ଗାନ୍ଧୀଙ୍କର ତ୍ୟାଗ, ଦେଶଗଠନ କ୍ଷେତ୍ରରେ ତାଙ୍କର ସ୍ୱପ୍ନ, ସଂକଳ୍ପ ଓ ଏହାକୁ ସାକାର କରିବା ଦିଗରେ ତାଙ୍କର ଯେଉଁ ନିଷ୍ଠା ଦେଶବାସୀ ଉପଲବ୍ଧି କରିଛନ୍ତି ତାହା ଅତୁଳନୀୟ ଓ ଚିରସ୍ମରଣୀୟ । ସାହସ,



ଶକ୍ତି, ନାରୀ ଶକ୍ତିର ପରାକାଷ୍ଠା ଓ ଅତୁଳନୀୟ ନିର୍ଭିକତା ତାଙ୍କର ବଳିଷ୍ଠ ନେତୃତ୍ୱ ଓ କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ସ୍ପଷ୍ଟ ଭାବେ ପରିଦୃଷ୍ଟ ହୋଇଛି । ତାଙ୍କର ଜୀବନ ଦର୍ଶନ ଆମ ମମସ୍ତଙ୍କ ପାଇଁ ଅନୁସରଣୀୟ । କଂଗ୍ରେସ ସେବାଦଳ ସଂଗଠନ ଦେଶର ହିତପାଇଁ ଏକ ସମର୍ପିତ ସଶକ୍ତ ସଂଗଠନ । ଇନ୍ଦିରାଜୀଙ୍କର ଆଦର୍ଶ ଏବଂ କର୍ତ୍ତବ୍ୟ ନିଷ୍ଠାରେ ଏହି ସଂଗଠନ ଅନୁପ୍ରାଣିତ । ଓଡ଼ିଶାରେ ସେବାଦଳ ଏକ ପ୍ରଭାବୀ ଏବଂ ଦାୟିତ୍ୱପୂର୍ଣ୍ଣ ସଂଗଠନ ଭାବରେ ପ୍ରତିଷ୍ଠିତ ହୋଇସାରିଛି । ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି କହିଲେ ଯେ ରାଜ୍ୟର ସମସ୍ତ ବ୍ଲକ, ପଞ୍ଚାୟତ ଏପରିକି ସହରାଞ୍ଚଳର ୱାର୍ଡ କ୍ଷେତ୍ରରେ ମଧ୍ୟ କଂଗ୍ରେସ ସେବାଦଳ ସ୍ୱତନ୍ତ୍ର ଓ ସଶକ୍ତ ପରିଚୟ ସୃଷ୍ଟି କରିଛି । ଏହି ଅବସରରେ ଆସନ୍ତା ଅକ୍ଟୋବର ୨୯ ତାରିଖରେ ବାଲେଶ୍ୱର ଓ ଢ଼େଙ୍କାନାଳ, ୩୦ ତାରିଖରେ ନୟାଗଡ଼, ମୟୁରଭଞ୍ଜ (ପଶ୍ଚିମ), ୩୧ ତାରିଖରେ ପୁରୀ, ଭଦ୍ରକ, କନ୍ଧମାଳ, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ସଂପୃକ୍ତ ସେବାଦଳ ମୁଖ୍ୟ ମାନଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଆୟୋଜିତ ହେବ । ଆଜିର ଭୁବନେଶ୍ୱର କ୍ୟାମ୍ପରେ ୧୨୭ ୟୁନିଟ ବ୍ଲଡ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମରେ, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ସମୀର କୁମାର ରାଉତରାୟ, ପ୍ରକାଶ ଜେନା, ଗୀତାଞ୍ଜଳି ମହାନ୍ତି, କାଳନ୍ଦୀ ସାହୁ, ନଟବର ବାରିକ, ଉଷାରାଣୀ ବେହେରା, ନଳିନୀ ବେହେରା, ଅଶୋକ ଦାସ, ଦୀପକ କୁମାର ସାହୁ, ଏମଡି ସାହାଦୁଲ୍ଲା, ମିହିର ରଞ୍ଜନ ଆଚାର୍ଯ୍ୟ, କୁଳମଣି ସାହୁ, ଅନିଲ କୁମାର ସାହୁ, ଆକ୍ୟୁବ ଖାନ, ଖଗେଶ୍ୱର ମଲ୍ଲିକ, ଗୋପନ ମାର୍ଥା, ରିଜୁଆନ ଅଲ୍ଲି ଖାନ, ବସନ୍ତ ପଣ୍ଡା, ରଞ୍ଜନ ଭୋଇ, ଶାନ୍ତିଲତା ତାଣ୍ଡି, ରତିରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ବିକାଶ ମୂଳକ କାମ

ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରିୁତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୁପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବଣ୍ଟନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବଣ୍ଟନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ। ସରକାରଙ୍କୁ ବାଧ୍ୟ ହୋଇ ଲୋକଙ୍କ ଉପରେ ଟିକସ ବଢ଼ାଇବାକୁ ପଡୁଛି। ଏହା ବନ୍ଦ ହେବା ଉଚିତ।

ମାତୃଭାଷାର ବିକଳ୍ପ ନାହିଁ

୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା ।

॥ ଅଜୟ କୁମାର ବେହେରା ॥

ମା'ର ସର୍ବପ୍ରଥମ ଭାଷା ଯେଉଁଟାକି ସେ ଶିଶୁକୁ ପ୍ରଥମରେ କହିଥାଏ, ସେ ଶିଶୁଟି ପାଇଁ ତାହା ପାଲଟିଯାଇଥାଏ ମାତୃଭାଷା । ଭାଷା ହିଁ ଭାବପ୍ରକାଶର ଏକମାତ୍ର ମାଧ୍ୟମ । ପୃଥିବୀରେ ଯେତେବେଳେ କୌଣସି ଭାଷା ନଥିଲା, ସେତେବେଳେ ଆଦିମାନବ ବିଭିନ୍ନ ଧ୍ୱନି ମାଧ୍ୟମରେ ତା' ମନ ହୃଦୟର କଥା, ଦୁଃଖ, ଯନ୍ତ୍ରଣା ଏବଂ ଆନନ୍ଦର ଭାବକୁ ପ୍ରକାଶ କରୁଥିଲା ସେତେବେଳେ ଏହା ଥିଲା ମାନବ ଜାତିର ଏକମାତ୍ର ଭାଷା । ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାର ଆବିର୍ଭାବ ହେଲା । ସେ ଭାଷା ସାହିତ୍ୟର ଭାଷା, ଧ୍ୱନୀ ଭାଷା, ସାଂକେତିକ ଭାଷା, ଲିପି ଭାଷା, କଥିତ ଭାଷା ଇତ୍ୟାଦି । ଏହି ଭାଷା ମାଧ୍ୟମରେ ମନୁଷ୍ୟ ହୃଦୟ ପ୍ରତିଟି ଚିନ୍ତା, ଚେତନା, ଆବେଗକୁ ରୂପ ଦେଉଥିଲା । ମା କ୍ଷୀର ପରି ମାତୃଭାଷା ଅମୃତ ସମାନ ହେଉଥିଲା । ଏହାରି ମାଧ୍ୟମରେ ମନର ଭାବକୁ ସହଜ ଓ ସରଳ ଭାବରେ ବୁଝି ହୁଏ ବା କାହାକୁ ବୁଝାଇହୁଏ । ମା ଠାରୁ ଶିକ୍ଷାଲାଭ କରିଥିବା ପ୍ରଥମ ଭାଷାଟି ଶିଶୁ ପାଇଁ ହୋଇଥାଏ ତାର ମାତୃଭାଷା ।

୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ବଙ୍ଗଳା ପ୍ରଦେଶ ଧର୍ମକୁ ନେଇ ଦୁଇଭାଗ ହେଲା । ଏହାର ପଶ୍ଚିମ ଅଂଶଟି ଭାରତ ସହିତ ରହିଲା । ଯାହାକୁ ଆମେ ପଶ୍ଚିମବଙ୍ଗ ବୋଲି କହୁଛୁ । ଏହି ଅଂଶଟି ହିନ୍ଦୁ ଧର୍ମ ପ୍ରବଣ ଅଞ୍ଚଳ । ଏହାର ପୂର୍ବାଂଶଟି ପାକିସ୍ତାନ ସହିତ ମିଶିଲା । ସେତେବେଳେ ଏହାକୁ କୁହାଗଲା ପୂର୍ବ ପାକିସ୍ତାନ । ଏହି ବିଭାଜନ ପରେ ଅର୍ଥନୈତିକ, ସାଂସ୍କୃତିକ, ଭାଷାଗତ ପାର୍ଥକ୍ୟ ନେଇ ପୂର୍ବ ଏବଂ ପଶ୍ଚିମ ପାକିସ୍ତାନ ମଧ୍ୟରେ ସର୍ବଦା କଳହ ଓ ଦ୍ୱନ୍ଦ ଲାଗି ରହିଲା । ଏହାର ପରିମାଣ ଏପରି ହେଲା ଯେ ୧୯୪୮ ମସିହାରେ ପାକିସ୍ତାନ ସରକାର ପୂର୍ବ ପାକିସ୍ତାନ ଉପରେ ଜୋରକରି ଉର୍ଦ୍ଦୁକୁ ଜାତୀୟ ଭାଷା ରୂପେ ଲଦି ଦେଲା । ଏହା ପୂର୍ବ ପାକିସ୍ତାନ ବା ବଙ୍ଗଳାଭାଷା କହୁଥିବା ଲୋକଙ୍କୁ ବାଧିଲା । ତାଙ୍କର ମାତୃଭାଷା ହୋଇଥିବାରୁ ତାଙ୍କ ଉପରେ ଏହା ଲଦି ଦେବା ନେଇ ସେମାନେ ଏହାର ତୀବ୍ର ବିରୋଧ କରିବା ସହିତ ଆନ୍ଦୋଳନ କଲେ । ଢାକା ବିଶ୍ୱ ବିଦ୍ୟାଳୟର ଛାତ୍ରମାନେ ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇ ପଡିଲେ । ସମଗ୍ର ପୂର୍ବ ବଙ୍ଗଳା ଭାଷା କହୁଥିବା ବ୍ୟକ୍ତିମାନେ ମଧ୍ୟ ସାମିଲ ହେଲେ । ଏହାକୁ ଦମନ କରିବା ପାଇଁ ଫେବ୍ରୁଆରୀ ୨୧ ତାରିଖ ୧୯୫୨ ମସିହାରେ ପାକିସ୍ତନ ସରକାରଙ୍କ ପକ୍ଷରୁ ଗୁଳି ଚାଲିଲା ଏବଂ ସେହି ଗୁଳିରେ ଚାରି ଜଣ ଛାତ୍ର ସହିଦ ହେଲେ । ଏହା ଥିଲା ମାତୃଭାଷାର ସୁରକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପ୍ରଥମ ସଂଗ୍ରାମ । ଯେଉଁ ଚାରିଜଣ ଛାତ୍ର ମାତୃଭାଷା ପାଇଁ ନିଜ ଜୀବନକୁ ବାଜି ଲଗାଇଦେଲେ ତାହାର ଉଦାହରଣ ପୃଥିବୀରେ ବିରଳ । ଶେଷରେ ବାଧ ହୋଇ ପାକିସ୍ତାନ ସରକାର ୧୯୫୬ ଫେବ୍ରୁଆରୀ ମାସରେ ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବରେ ସ୍ୱୀକୃତି ଦେଲେ । ବଙ୍ଗଳାଦେଶ ପଶ୍ଚିମ ପାକିସ୍ତାନ ବିରୁଦ୍ଧରେ ସଂଗ୍ରାମ କରି ୧୯୭୧ ମସିହାରେ ସ୍ୱାଧୀନ ହେଲା ଏବଂ ବଙ୍ଗଳାଭାଷା ସେବେଠାରୁ ସରକାରୀ ଭାଷାରୂପେ ସ୍ୱୀକୃତି ଲାଭ କଲା । ଭାଷାକୁ ନେଇ ଯେଉଁ ସବୁ ଘଟଣା ଘଟିଯାଇଥିଲା ତାହା ଉପରେ ତର୍ଜମା କରି ମିଳିତ ଜାତିସଂଘ ୧୭.୧୧.୧୯୯୯ ମସିହାରେ ଭାଷା ପାଇଁ ସହୀଦ ହୋଇଥିବା ଚାରି ଭାଷା ଯୋଦ୍ଧା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇ ଫେବ୍ରୁଆରୀ ୨୧କୁ ଆନ୍ତର୍ଜାତିକ ମାତୃଭାଷା ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଭାବେ ନିଷ୍ପତି ନେଲେ ।

୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁଭାଷାପଣ ପ୍ରଚାର ପାଇଁ ଉକ୍ତ ଦିବସ ପାଳିତ ହୋଇଆସୁଛି। ସମସ୍ତ ଭାଷାକୁ ସମ୍ମାନ ଦେବା, ସୁରକ୍ଷା ଦେବା ସମସ୍ତଙ୍କର କର୍ତବ୍ୟ। ସମଗ୍ର ବିଶ୍ୱରେ ପ୍ରଚଳିତ ୭୧୦୨ ଟି ଭାଷା ମଧ୍ୟରେ ଓଡ଼ିଆ ଭାଷାର ସ୍ଥାନ ୩୭। ନିଶ୍ଚିତ ଏହା ଗର୍ବର ବିଷୟ ମାତ୍ର ଓଡ଼ିଶା ସୀମାନ୍ତରେ ଆମ ମାତୃଭାଷା ଓ ମାତୃଭୂମୀ ପ୍ରତି ଯେଉଁ ସମସ୍ୟା ଉପୁଜିଛି ତାହା ଗମ୍ଭୀର ବିଷୟ। କୋଟିଆ ଠାରେ ଆନ୍ଧ୍ର ତା'ର ଆଧିପତ୍ୟ ଜାହିର କରିବା ସହିତ ସେଠାରେ ନିର୍ବାଚନ କରାଇବା ନିଶ୍ଚିତ ଭାବେ ସମସ୍ତ ସ୍ୱାଭିମାନୀ ଓଡ଼ିଆଙ୍କ ମନରେ ଗଭୀର କୁଠାରଘାତ କରିଛି। ସରକାର ଏ ଦିଗରେ ପୂର୍ବରୁ ସଜାଗ ରହିଥାନ୍ତେ ତେବେ ଏପରି ପରିସ୍ଥିତି ଉପୁଜିନଥାନ୍ତା। ରାଜନୈତିକ ଆରୋପ ପ୍ରତ୍ୟାରୋପ ଛାଡ଼ି ଦଳମତ ନିର୍ବିଶେଷରେ ମାତୃଭୂମୀର ସୁରକ୍ଷା ଲାଗି ସମସ୍ତେ ନିଜ ନିଜ ସ୍ତରରେ ଚେଷ୍ଟା କରିବା ଆବଶ୍ୟକ। ନିଜ ମାତୃଭାଷା ଯାହାକି ସାମୂହିକ ବିକାଶ, ଶାନ୍ତି ପ୍ରତିଷ୍ଠା ଏବଂ ଭାତୃଭାବ ରକ୍ଷା କରି ସାରା ଦେଶରେ ବନ୍ଧୁତ୍ୱ ଭାବ ପ୍ରତିଷ୍ଠା କରାଇବା । ସମସ୍ତ ମାତୃଭାଷାକୁ ଗୁରୁତ୍ୱ ଦେବା ସହ ଭାଷାର ସୁରକ୍ଷା , ସ୍ୱାଭିମାନ ଯେପରି ରହିପାରିବ ସମସ୍ତେ ଚେଷ୍ଟା କରିବା ଉଚିତ୍। ଆମ ଓଡିଶାରେ ଭାଷାର ସମ୍ମାନ ପାଇଁ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଯେଉଁ ମହାପୁରୁଷମାନେ ବଳିଦାନ ଦେଇଛନ୍ତି ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଂଚସଖା, ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିଶିଷ୍ଟ ଔପନ୍ୟାସିକ ଫକୀର ମୋହନ ସେନାପତି, ହରେକୃଷ୍ଣ ମହତାବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖଙ୍କ ଅବଦାନ ଚିରସ୍ମରଣୀୟ ।

୧୯୫୪ ମସିହା ଓଡିଶା ବିଧାନସଭାରେ ଯେଉଁ ଭାଷା ଆଇନ୍ ପ୍ରଣୟନ କରାଗଲା ସେଥିରେ ସେଥିରେ ଓଡ଼ିଆ ଭାଷା ଆଇନ୍‌ରେ କିଛି ତ୍ରୁଟି ରହିଯାଇଥିଲା । ଯାହା ଫଳରେ କି ଓଡ଼ିଆ ଭାଷାରେ କାର୍ଯ୍ୟ କରିବା ଓ ଖିଲାପ କାରୀଙ୍କୁ ଦଣ୍ଡ ବିଧାନ କରିବା ହୋଇପାରିନଥିଲା । ୨୦୧୬ ସେପ୍ଟେମ୍ବର ୨୯ ତାରିଖରେ ଓଡ଼ିଶା ଭାଷା ଆଇନ୍ ସଂଶୋଧନ କରିବା ପାଇଁ ୧୯୫୪ ମସିହା ଆଇନ ଟି ବହୁମତରେ ବିଧାନସଭାରେ ଗୃହୀତ ହୋଇଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ସରକାରୀ ଭାଷା ହେବା, ସମସ୍ତ କାମ ଓଡ଼ିଆରେ ହେବା ଓ ଓଡ଼ିଆ ଭାଷା ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଆଦି ଦାବି ଜୋର ଧରିଲା । ଦୀର୍ଘ ୮୭୮ ଦିନ ଭାଷା ଆନ୍ଦୋଳନର ନୀରବ କଳାପତାକା ପଟୁଆର ଅଭିଯାନ ଫଳରେ ସରକାର ଶେଷରେ ୨୦୧୮ ସେପ୍ଟେମ୍ବର ମାସ ୧୯ ତାରିଖରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇଲେ । ଭାଷା ଆନ୍ଦୋଳନ ଏବଂ କେତୋଟି ପ୍ରମୁଖ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମଙ୍କ ଆନ୍ତରିକ ଉଦ୍ୟମ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମଧ୍ୟ ବ୍ୟାପକଭାବେ ସରକାରଙ୍କ ଉପରେ ପ୍ରଭାବ ପକାଇଥିଲା। ଓଡ଼ିଆ ଭାଷା ହେଲା ସରକାରୀ ଭାଷା । ଓଡ଼ିଆରେ ଓଡ଼ିଶା ଶାସନ କରିବା ପାଇଁ ଆଇନ୍ ପ୍ରଣୟନ କରିବାକୁ ସରକାର ବାଧ ହେଲେ ତଥା ଯେଉଁମାନେ ଏହି ଭାଷା ଆଇନ୍‌କୁ ଉଲଙ୍ଘନ କରିବେ ତାଙ୍କ ବିରୋଧରେ ଦଣ୍ଡ ବିଧାନର ବ୍ୟବସ୍ଥା କରିବା ପାଇଁ ବିଧାନସଭାରେ ଆଇନ୍ ସଂଶୋଧନ କଲେ । ଏକ ତଥ୍ୟ ଅନୁସାରେ ସମଗ୍ର ଓଡ଼ିଶାରେ ୫୮ ପ୍ରକାରର କଥିତ ଭାଷା ପ୍ରଚଳିତ ଅଛି। ତେବେ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ସବୁ ସରକାରୀ ଓ ବେସରକାରୀ ସଂସ୍ଥା ଓଡ଼ିଆରେ ନାମ ଫଳକ ଲେଖିବାକୁ ସରକାର ବିଜ୍ଞପ୍ତି ଜାରି କଲେ ମାତ୍ର ଏହା କେତେଦୂର କାର୍ଯ୍ୟକାରୀ କରାଯାଉଛି ତାହା ଦେଖିବା କଥା। ଏପର୍ଯ୍ୟନ୍ତ ଏହା କଡ଼ାକଡ଼ି ଭାବେ ଲାଗୁ କରାନଯିବା କାରଣ କ'ଣ ? ଆମ ମାତୃଭାଷା ପ୍ରତି ସରକାରୀ କର୍ମଚାରୀ ଓ ଅଧିକାରୀମାନେ ମନ ଓ ହୃଦୟରୁ ଏହାର ପ୍ରଚାର ପ୍ରସାର ବହୁଳ ବ୍ୟବହାର କରିବା ପାଇଁ ଚେଷ୍ଟା କରିବା କଥା ମାତ୍ର ଏହା ହେଉନାହିଁ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାଷା ଆନ୍ଦୋଳନ ଦୀର୍ଘ ୮୭୮ ଦିନ ଚାଲିବା ସହିତ ଏହାର ବହୁ ସକରାତ୍ମକ ପ୍ରଭାବ ସରକାରଙ୍କ ଉପରେ ପଡ଼ିଛି। ଯାହା ଫଳରେ ମାତୃଭାଷାରେ ସରକାରୀ ନଥିପତ୍ର ଲେଖାହେବା, ବିଦ୍ୟାର୍ଥୀଙ୍କ ଚୟନ ପରୀକ୍ଷା ଓଡ଼ିଆରେ ହେବା, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓଡ଼ିଆରେ ଆସିବା, ଗୁଗୁଲରେ ଓଡ଼ିଆ ଭାଷା ସ୍ଥାନିତ ହେବା ସହିତ ଏପରିକି ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ଲେଖନୀ ବହୁଳ ମାତ୍ରାରେ ବ୍ୟବହାର ଦେଖିବାକୁ ମିଳୁଛି। ମାତୃଭାଷା ଖିଲାପକାରୀଙ୍କୁ ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବା ସହିତ ଏହାର ଉଲ୍ଲଙ୍ଘନକାରୀଙ୍କ ଦଣ୍ଡବିଧାନ କରିବାକୁ ସରକାରଙ୍କୁ ଭାଷା ଆନ୍ଦୋଳନ ପକ୍ଷରୁ ପତ୍ର ଲେଖାଯାଇଛି। ଓଡ଼ିଆ ଭାଷା ୨୦୧୪ ମାର୍ଚ୍ଚ ୧୧ରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ଅର୍ଥାତ୍ କେନ୍ଦ୍ର ସରକାର ଏହାକୁ ମାନ୍ୟତା ଦେଲେ। ମାତ୍ର ବହୁ ଦୁଃଖ ଓ କ୍ଷୋଭର ବିଷୟ କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ଆମ ଭାଷାକୁ ସଂପୂର୍ଣ୍ଣ ଅବହେଳା କରି ଟଙ୍କାଟିଏ ମଧ୍ୟ ଅନୁଦାନ କେନ୍ଦ୍ର ସରକାର ଦେଇନାହାନ୍ତି। ଏହା ଆମ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ନୁହେଁ କି ? ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ– "ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗ ନିଜ ମାତୃଭାଷା ।" ଭାଷାକୁ ନେଇ କୌଣସି ବୈଷମ୍ୟ ରହିବା ଉଚିତ୍ ନୁହେଁ । ଭାଷା ହେଉଛି ଆମ ଜନନୀ ସଦୃଶ। ଏହା ମଧ୍ୟ ଏକତାର ପ୍ରତୀକ। ଏହା ଆମ ପରମ୍ପରା, ଐତିହ୍ୟ ଓ ସାଂସ୍କୃତିକ ସଂରକ୍ଷକ ତଥା ବାହକ । ଆମ ରାଷ୍ଟ୍ରଭାଷା ହିନ୍ଦୀ ହୋଇଥିଲେ ମଧ୍ୟ ସମସ୍ତ ପ୍ରଦେଶର ଭାଷା ହିଁ ସେମାନଙ୍କର ସ୍ୱାଭିମାନର ପରିଚୟ । କୌଣସି ପରିସ୍ଥିତିରେ ମଧ୍ୟ ମାତୃଭାଷାର ସମ୍ମାନ ସ୍ୱାଭିମାନକୁ ଜଳାଞ୍ଜଳି ଦେବା ଉଚିତ୍ ନୁହେଁ । ମାତୃଭାଷା ପାଇଁ ଆହୁରି ଅନେକ କାମ କରିବା ପାଇଁ ବାକି ଅଛି। ତେଣୁ ସମସ୍ତେ ଯେକୌଣସି କ୍ଷେତ୍ରରେ ଥାଆନ୍ତୁ ନା କାହିଁକି ମା' ମାଟି ଓ ମାତୃଭାଷାର ସୁରକ୍ଷା ଓ ସ୍ୱାଭିମାନ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ-୯୯୩୭୬୮୯୬୮୩

ଈଶ୍ୱରଙ୍କ ଅସଂଖ୍ୟ ନାମ

॥ ସୌର ଚନ୍ଦ୍ର ମହାପାତ୍ର ॥

ଲୋକେ କହନ୍ତି ଗରୁଡ଼ ବିଷ୍ଣୁଙ୍କର ବାହାନ। ଶିବଙ୍କୁ ମଧ୍ୟ ନନ୍ଦୀବାହାନ ବୋଲି ବର୍ଣ୍ଣନା କରାଯାଏ। ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ପତ୍ନୀ ବୋଲି କୁହାଯାଏ। ଲୋକେ ଏହିପରି ଅନେକ କଥା କହନ୍ତି। ନାନା ରୂପ ଓ ନାମ ନିଜ ମନର ଭାବନା ଅନୁସାରେ ଗଢ଼ି ସେମାନଙ୍କୁ ଏହିପରି ନାନା ଗୁଣରେ ବିଭୁଷିତ କରନ୍ତି। ଭଲ ଭାବରେ ବିଚାର କଲେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବା ଯେ ପରମାତ୍ମା ପ୍ରତ୍ୟେକ ଜୀବ ଦେହରେ ବିଦ୍ୟମାନ ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ। ଯେତେବେଳେ କୁହାଯାଏ 'ଜନ୍ତୁନାଂ ନିରଜନ୍ମଂ ଦୁର୍ଲ୍ଲଭମ୍' ଅର୍ଥାତ୍ ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟ ଜନ୍ମ ସବୁଠାରୁ ଅଧିକ ଦୁର୍ଲ୍ଲଭ, କିନ୍ତୁ ଶବ୍ଦର ଅର୍ଥ ପଶୁ ନୁହେଁ। ଯିଏ ମାତୃଗର୍ଭରୁ ଜନ୍ମ ହୁଏ, ସେ ଜନ୍ତୁ। ତେଣୁ ମଣିଷ ଜନ୍ତୁ ଗୋଟିଏ ମୂଷା ମଧ୍ୟ ଜନ୍ତୁ। ଏଥିପାଇଁ ଆଉ ଗୋଟିଏ ଶବ୍ଦ ଅଛି, ତାହା ହେଲା ପଶୁ। ଯିଏ ସବୁ ପ୍ରାଣୀଙ୍କର ରକ୍ଷଣାବେକ୍ଷଣ କରନ୍ତି ସେ ପଶୁପତି। ଈଶ୍ୱରଙ୍କୁ ପଶୁପତି କୁହାଯାଏ। ସେହି ଅର୍ଥରେ କୃଷ୍ଣଙ୍କର ଆଉ ଗୋଟିଏ ନାମ ହେଲା ଗୋପାଳ। ଗୋ-ବା ପ୍ରାଣୀମାନଙ୍କର ପାଳନ ଯିଏ କରନ୍ତି ସେ ଗୋପାଳ। ଏସବୁ ବିଭିନ୍ନ ନାମ, ବିଭିନ୍ନ ରୂପ ଓ ବିଭିନ୍ନ କଳ୍ପନାର ସମାହାର ଆଣିବାକୁ ହେବ। ବିଷ୍ଣୁଙ୍କୁ ଲକ୍ଷ୍ମୀପତି, ଆଉ ବ୍ରହ୍ମାଙ୍କୁ ସରସ୍ୱତୀନାଥ ବୋଲି ବର୍ଣ୍ଣନା ନକରି, ପରମାତ୍ମାଙ୍କୁ ଗୋଟିଏ ନାମରେ ଅଭିହିତ କଲେ ଭଲ ହେବ। ଧରାଯାଉ ସେ ନାମଟି ହେଲା ପସଲନାଥ। ପରମାତ୍ମାଙ୍କ ପାଇଁ ଏହି ଗୋଟିଏ ନାମ ବ୍ୟବହାର କଲେ ନାମ ଓ ରୂପର ସବୁ ବାଦ-ବିବାଦ ଦୂର ହୋଇଯିବ। ଏ ଶବ୍ଦର ଅର୍ଥ ଜୀବଜଗତର ନାଥ। ପ-ପାର୍ବତୀ, ସ-ସରସ୍ୱତୀ, ଲ-ଲକ୍ଷ୍ମୀ, ଏ ତିନିଜଣଙ୍କର ନାଥ ଯିଏ ସେ ପସଲନାଥ, ଆମେ ଶବ୍ଦଟିକୁ ଏପରି ଅର୍ଥ କରିପାରିବା।

ଆମେ ବର୍ତ୍ତମାନ ଏହି ଦେବମାନଙ୍କର ବାହନ ଗୁଡ଼ିକର ଅର୍ଥ ବିଷୟରେ ଚିନ୍ତା କରିବା। ଏହି ତିନି ବାହାନ ହେଲେ ଗରୁଡ଼, ନନ୍ଦୀ ଏବଂ ହଂସ। ଆମେ ଏହି ବାହାନତ୍ରୟଙ୍କୁ ମଧ୍ୟ ଗୋଟିଏ ନାମରେ ପରିଚିତ କରାଇପାରିବା। ତିନିଦେବତାଙ୍କୁ ଯଦି ଆମେ ବିହଗ ବାହାନ କହିବା, ତାହାହେଲେ ସାମ୍ୟ ଆସିଯିବ। ବି-ବୃଷଭ, ହ-ହଂସ, ଗ-ଗରୁଡ଼। ତେଣୁ ସବୁ ଦେବତା ମାନଙ୍କର ବାହାନ ଗୁଡ଼ିକ ପାଇଁ ଗୋଟିଏ ଶବ୍ଦ ହୋଇଗଲା। ଶଙ୍କର ଶିଷ୍ୟ ଏହି ଭାବରେ ହିଁ ଶ୍ରୀପତି ଶବ୍ଦଟି ବ୍ୟବହାର କରିଛନ୍ତି। ସେଥିରେ ସଜ୍ଜନସଙ୍ଗ ଶବ୍ଦଟି ମଧ୍ୟ ସେ ପ୍ରୟୋଗ କରିଛନ୍ତି। ସେ କହିବାର ଅର୍ଥ



ହେଲା କେବଳ ସତସଙ୍ଗ ହିଁ ଦୁଷ୍ଟଚିନ୍ତାକୁ ଦୂର କରିପାରିବ। ଏଥିପାଇଁ ପୂଜା, ଉପାସନା, ତୀର୍ଥଭ୍ରମଣ ଯଥେଷ୍ଟ ହେବନାହିଁ। ସାଧୁ-ସଜ୍ଜନଙ୍କ ସଙ୍ଗେ ରହିଲେ ସ୍ୱତଃ ଶୁଦ୍ଧଭାବ ଓ ଶୁଦ୍ଧଗୁଣ ବଢ଼ିବ। ମଣିଷର ଭଲଗୁଣ ତାର ସଙ୍ଗ ଉପରେ ନିର୍ଭର କରେ। ତେଣୁ ସଦଗୁଣ ପରିପୋଷଣ କରିବାକୁ ଚାହିଁଲେ ସର୍ବଦା ସତସଙ୍ଗ କରିବା। ସତସଙ୍ଗ ସେଥିପାଇଁ ଏତେ ଦରକାରୀ ବୋଲି ଶଙ୍କରଶିଷ୍ୟ ଶ୍ଳୋକଟିର ତୃତୀୟ ପାଦରେ କହିଛନ୍ତି।

ଶ୍ଳୋକଟିର ଚତୁର୍ଥ ପାଦରେ ଦୀନ-ଦୁଃଖୀଙ୍କୁ ଧନଦାନ କରିବା ପାଇଁ କୁହାଯାଇଛି। ସନ୍ନ୍ୟାସୀମାନଙ୍କର ତ ପରିବାର ନାହିଁ, ସେମାନଙ୍କୁ ଦାନ କରିବା ଏତେ ଆବଶ୍ୟକ ନାହିଁ, ବରଂ ଦୁଃଖୀ ପରିବାରର ଦୁଃଖମୋଚନ ପାଇଁ ଯଥାସମ୍ଭବ ଦାନ କରିବା ଉଚିତ। ଯାହା ରୋଜଗାର କରିବ, ସେଥିରୁ କିଛି ଅଂଶ ଭବିଷ୍ୟତ ପାଇଁ ଓ ପିଲାମାନଙ୍କ ପାଇଁ ସଞ୍ଚୟ କରିବ, କିଛି ଅଂଶ ସତକର୍ମ, ଦାନ-ଧର୍ମରେ ଖର୍ଚ୍ଚ କରିବ। ତାହାହେଲେ ଯାଇ ଧନର ସତବିନିଯୋଗ ହେଲା ବୋଲି କୁହାଯିବ। ଅଧିକାଂଶ ଲୋକ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କର କାମନା ପୂର୍ଣ୍ଣ ହେଲେ। ନିଜର ଅଭିଳାଷ ଅନୁସାରେ ଜୀବନ ନ ଚାଲିଲେ ଈଶ୍ୱରଙ୍କୁ ବିଶ୍ୱାସ କରୁଛ କିଏ ? ମାତ୍ର ଏସବୁ ବିଚାର ସହିତ ଈଶ୍ୱରଙ୍କ ଅସ୍ତିତ୍ୱର କିଛି ସମ୍ବନ୍ଧ ନାହିଁ। ମନର ଦୁଷ୍ଟ ଭାବନା କ୍ରମଶଃ ଅଭ୍ୟାସରେ ପରିଣତ ହୋଇଯାଏ। ଏହି ଦୁରାଭ୍ୟାସକୁ ନିସ୍ପୃହ ସାଧନା ବିଧି ଦ୍ୱାରା ଦୂର କରିହେବ ନାହିଁ। ଗୋଟିଏ ଛୋଟ କଥନିକାଟି ଉପସ୍ଥାପନ କରୁଛି। ଜଣେ ଲୋକ ଅଗ୍ନିମାନ୍ଦ୍ୟ ରୋଗ ଭୋଗୁଥିଲେ। ସେ ଅନେକ ଔଷଧ ଖାଇଲା, ମାତ୍ର କିଛି ଲାଭ ହେଲା ନାହିଁ। ରୋଗଟି କ୍ରମଶଃ ଚିରସ୍ଥାୟୀ ହୋଇଗଲା। ସୌଭାଗ୍ୟକୁ ସେଠାକୁ ଜଣେ ସାଧୁ ଆସିଲେ, ଆଉ ତାର ରୋଗର ଉପଶମ ପାଇଁ ତାକୁ ପାଟିରେ ଖଣ୍ଡ ଲୁଣ ରଖି ଶୋଷିବାକୁ କହିଲେ। କିଛି ସମୟ ଏପରି କଲାପରେ ତାକୁ ଅନେକ ଭଲ ଲାଗିଲା। ସେଇ ଲୋକ ଉତ୍ସବ ଦିନ ମାନଙ୍କରେ ପିଲାମାନଙ୍କୁ ମିଠେଇ ବାଣ୍ଟେ। ଗୋଟିଏ ଦୀପାବଳୀ ଉତ୍ସବରେ ଲଡୁ ବାଣ୍ଟିବା ପାଇଁ ଠିକ କରି ସେ ଦୋକାନକୁ ଦୋକାନ ବୁଲି ଲଡୁ ଚାଖିଲା। ମାତ୍ର ସବୁଯାକ ତାକୁ ଲୁଣିଆ ଲାଗିଲା। ଜଣେ ଦୋକାନୀ ସେ ଲୋକଟି ପାଟିରେ ଲୁଣ ରଖିବା କଥାଟି ଜାଣିଥିଲା ତେଣୁ ଲଡୁ ଚାଖିବା ଆଗରୁ ପ୍ରଥମେ ତାକୁ ପାଟି ଭଲ କରି ଧୋଇବାକୁ କହିଲା। ପାଟି ଧୋଇସାରିଲା ପରେ ଲୋକଟି ଲଡୁ ଚାଖି ଦେଖିଲା ଠିକ ମିଠା ଲାଗୁଛି। ଦୁରାଭ୍ୟାସର ବଶ ଥିବାଯାଏ ଆମ୍ଭେମାନେ ସତସଙ୍ଗର ମଧୁରତା, ପବିତ୍ରତା ଅନୁଭବ କରି ପାରିବା ନାହିଁ। ମନକୁ ନିର୍ମଳ କଲେଯାଇ ଆମେ ସତସଙ୍ଗ ଦ୍ୱାରା ଉପକୃତ ହେବା, ଆଉ ଆତ୍ମାର ଆନନ୍ଦ ପାଇପାରିବା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬

ଫୁଲ

ଅନୀତା ପଟ୍ଟନାୟକ

ନନ୍ଦବାବୁ ଓ ତାଙ୍କର ପତ୍ନୀ ସୁଗନ୍ଧାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଥିଲେ। ଝିଅ କୋମଳ ଓ ପୂଜା ଓ ପୁଅ ଉପହାର ସବୁବେଳେ ଛୁଟି ଦିନ ମାନଙ୍କରେ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ବୁଲିଯିବାକୁ ଭଲ ପାଉଥିଲେ। ସୁଗନ୍ଧା ମନ୍ଦିର ପରିଦର୍ଶନକୁ ଭଲ ପାଉଥିଲେ। ଆନନ୍ଦଙ୍କୁ ଝରଣା ଓ ଜଙ୍ଗଲିଆ ସ୍ଥାନ ତାଙ୍କର ବହୁତ ପସନ୍ଦ ଥିଲା। କୋମଳ ଓ ପୂଜାଙ୍କୁ ବିଭିନ୍ନ ଉଦ୍ୟାନ ବୁଲିବାକୁ ଭଲ ଲାଗୁଥିଲା। ଉପହାର ପଶୁପକ୍ଷୀ ଜୀବଜନ୍ତୁ ଥିବା ସ୍ଥାନକୁ ଯିବାକୁ ପସନ୍ଦ କରୁଥିଲା।

ଉପହାର ମନରେ ଅନେକ ପ୍ରଶ୍ନ। ଯଥା ଉଦ୍ୟାନ ତିଆରି କରିବା ବିଭିନ୍ନ ପ୍ରକାର ଫୁଲରେ ଉଦ୍ୟାନକୁ ସଜାଇବା ଇତ୍ୟାଦି। ଏକ ମୂଲ୍ୟହୀନ କାର୍ଯ୍ୟକ୍ରମ। ସେ ଏପରି ଭାବେ କାରଣ ବୁଲିଯିବା କଥା ଭାବିବା ମାତ୍ରେ କୋମଳ ଓ ପୂଜା ବିଭିନ୍ନ ଉଦ୍ୟାନର ନାମ ନେଇଥାନ୍ତି। ବାପା ବିଭିନ୍ନ ଝରଣା ଓ ଜଙ୍ଗଲର ନାମ ନେଇ ସେଠାକୁ ନେବାକୁ ଚେଷ୍ଟା କରନ୍ତି। ମାଙ୍କର ଉପଦେଶ ପିଲାଙ୍କୁ ସବୁବେଳେ ମନ୍ଦିର ବୁଲାଇ ନେବା କଥା। ଉପହାରର ମତକୁ କେହି ପସନ୍ଦ କରନ୍ତି ନାହିଁ। ତେଣୁ ତାର ମନରେ ଭାରି ଦୁଃଖ। ଦିନେ ରାଜ୍ୟପାଳଙ୍କର ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ଖୋଲାଯାଇଥିଲା। କୋମଳ ଓ ପୂଜାଙ୍କର ଅନୁରୋଧ କ୍ରମେ ଆନନ୍ଦ, ସୁଗନ୍ଧା, ଉପହାର ସମସ୍ତେ ମିଶି ଉଦ୍ୟାନକୁ ବୁଲି ବାହାରିଲେ। ଉପହାର କୋମଳକୁ ପଚାରିଲା ତତେ ଫୁଲ ଦେଖିବାକୁ କାହିଁକି ଭଲ ଲାଗେ ? ସେ କହିଲା ମତେ ସପ୍ତରଙ୍ଗ ଭଲ ଲାଗେ। ଫୁଲ ମଧ୍ୟରେ ସେ ସପ୍ତରଙ୍ଗକୁ ଦେଖିଲେ ମତେ ଆହୁରି ଭଲ ଲାଗେ। ଉପହାରକୁ ଏକଥା ପସନ୍ଦ ହେଲାନାହିଁ। କହିଲା ବାଘ ନିଶ ମହଲାନା। ପୂଜା କହିଲା ଠିକ କହିଛୁ। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ଲାଲ, ନାରଙ୍ଗୀ ଏସବୁ ରଙ୍ଗ ଠାକୁରଙ୍କର ଅତିପ୍ରିୟ। ସୁଗନ୍ଧା କହିଲେ ବିଭିନ୍ନ ଠାକୁରଙ୍କର ପୂଜାରେ ବିଭିନ୍ନ ପ୍ରକାରର ଫୁଲ ବ୍ୟବହାର କରାଯାଇଥାଏ। ଯଥା ଶିବଙ୍କର ଅତିପ୍ରିୟ ଫୁଲ ଗୁଡ଼ିକ ହେଉଛି ଅରଖ, ଦୁଦୁରା, କେତକୀ ଇତ୍ୟାଦି। ଲକ୍ଷ୍ମୀଙ୍କର ପ୍ରିୟରଙ୍ଗ ଧଳା, ତେଣୁ ଟଗର, ମଲ୍ଲୀ, ରାଜନୀଗନ୍ଧା, ଧଳା ଅପରାଜିତା, ଗଙ୍ଗଶିଉଳି, ପାରିଜାତ ଇତ୍ୟାଦି ତାଙ୍କୁ ପ୍ରଦାନ କରାଯାଇଥାଏ। ମା'ମଙ୍ଗଳାଙ୍କର ପ୍ରିୟ ଫୁଲ ମନ୍ଦାର, ଦେବୀ ସରସ୍ୱତୀ, ଲକ୍ଷ୍ମୀଙ୍କର ଅନ୍ୟତମ ପ୍ରିୟ ଫୁଲ ହେଉଛି ପଦ୍ମ। ସେଥିପାଇଁ ଲକ୍ଷ୍ମୀଙ୍କର ଅନ୍ୟନାମ ପଦ୍ମାଳୟ। କୃଷ୍ଣଙ୍କର ପ୍ରିୟଫୁଲ ମାଳତୀ, ଗୋଲାପ। ଜଗନ୍ନାଥଙ୍କର ପ୍ରିୟ ଫୁଲ ମଲ୍ଲୀ ଓ କନିଅର।

ଉପହାର କହିଲା ବାପା ସାର ଆମକୁ ପଢ଼ାଉଥିଲା ବେଳେ କହୁଥିଲେ ଚନ୍ଦ୍ର ଓ କଇଁ ଫୁଲର ଅଭେଦ ସମ୍ପର୍କ ରହିଛି। ଚନ୍ଦ୍ର ଉଦୟ ହେଲେ କଇଁଫୁଲ ଫୁଟେ। ସୂର୍ଯ୍ୟଙ୍କ ସହିତ ସୂର୍ଯ୍ୟମୁଖି ଓ ପଦ୍ମଫୁଲର ନିବିଡ଼ ସମ୍ପର୍କ। ସୂର୍ଯ୍ୟଙ୍କ ଗତିଅନୁସାରେ ସୂର୍ଯ୍ୟମୁଖି ଫୁଲର ମୁଖ ତାଙ୍କ ଆଡ଼କୁ ଗତି କରିଥାଏ ଓ ପଦ୍ମଫୁଲ ସୂର୍ଯ୍ୟଉଦୟ ହେଲେ ଫୁଟେ। ପୂଜା କହିଲା ଆମ ସାର କହୁଥିଲେ ଆମ ସ୍କୁଲରେ ଗୋଟିଏ ପ୍ରତିଯୋଗିତା ହେବ। ଯେଉଁମାନେ ପଚାଶରୁ (୫୦) ଉର୍ଦ୍ଧ୍ୱ ଫୁଲର ନାମ କହିପାରିବେ ସେମାନଙ୍କୁ ପୁରସ୍କୃତ କରାଯିବ। ଆଜି ଅନେକ ଫୁଲର ନାମ ମୁଁ ମନେରଖି ପାରିଛି ଲଙ୍କା-ମନ୍ଦାର, ଟଗର, ଚମ୍ପା, ମଲ୍ଲୀ, ଗୋଲାପ, କନିୟର, ସଦାବିହାରୀ, ଅପରାଜିତା, ଗେଣ୍ଡୁ, ସୁଗନ୍ଧରାଜ, ଅରଖ, ଗୋଲାପ, ନାଗେଶ୍ୱର, କାଠଚମ୍ପା, ସ୍ୱର୍ଣ୍ଣଚମ୍ପା, କୃଷ୍ଣଚୂଡ଼ା ଇତ୍ୟାଦି। ଆନନ୍ଦ କହିଲେ ଫୁଲର ଅନେକ ଅଂଶ ଅଛି। ଯଥା ବଡ଼, ପାଖୁଡ଼ା, କେଶର ଇତ୍ୟାଦି। ମା ସୁଗନ୍ଧା କହିଲେ ଫୁଲକୁ ଅନେକ ପ୍ରକାରରେ ବ୍ୟବହାର କରାଯାଏ। ଯଥା ପୂଜା, ସାଜସଜ୍ଜା ଇତ୍ୟାଦିରେ। ଉପହାର କହିଲା ହଁ, କାଲି ଏକ ବାହାଘର ଗାଡ଼ିରେ ଫୁଲ ସଜ୍ଜା ହୋଇଥିଲା ଏହି ସମୟରେ କିଛି ଦକ୍ଷିଣ ଭାରତୀୟ ନାରୀ ଖସାରେ ଜୁଇଫୁଲ ଲଗାଇ ଉପହାରର ପାଖଦେଇ ଚାଲିଯିବାରେ ସେ ମାଙ୍କୁ ସେମାନଙ୍କ ଆଡ଼କୁ ନିର୍ଦ୍ଦେଶ କରି ତାଳି ମାରିବାରେ ଲାଗିଲା।

ପୂଜା ଫୁଲଚାଷ ବିଷୟରେ କହିବାକୁ ଯାଇ କହିଲା ସାର କହୁଥିଲେ ଫୁଲଚାଷ ଅତ୍ୟନ୍ତ ଲାଭଦାୟକ। ଲିମ୍ବଫୁଲ, କଖାରୁଫୁଲ ଲୋକମାନେ ଖାଦ୍ୟରେ ଗ୍ରହଣ କରନ୍ତି। ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲରୁ ମହୁ, ଔଷଧ ଓ ତେଲ ତିଆରି କରାଯାଏ। ଅନେକ ଫୁଲ ଜଙ୍ଗଲରେ ମଉଳି ଯାଆନ୍ତି ଓ ଜଳରେ ପଦ୍ମ ଓ କଇଁଫୁଲ ଫୁଟିଥାଏ। ମହୁମାଛିକୁ ଆକର୍ଷିତ କରିବା ପାଇଁ ରାତିରେ ସୁଗନ୍ଧ ଓ ଧବଳ ରଙ୍ଗର ଫୁଲ ଫୁଟିଥାଏ। ଏତେକଥା ଜାଣି ଉପହାର କହିଲା ବାପା ଭଗବାନ କେବେ ବି ଚୋରି ଫୁଲ ଗ୍ରହଣ କରୁନଥିବେ। ପ୍ରାତଃ ଭ୍ରମଣ ସମୟରେ ଅନ୍ୟ ବଗିଚାରୁ ଫୁଲ ଚୋରି କରି ଠାକୁର ପୂଜା କରିବା ଅପେକ୍ଷା ଫୁଲ କୁଣ୍ଡ ଆଣି ସେଥିରେ ଫୁଲଗଛ ଲଗାଇ ଠାକୁରଙ୍କୁ ପ୍ରଦାନ କଲେ ଭଲ ହୁଅନ୍ତା। ମୁଁ ମୋ ସାଙ୍ଗ ମାନଙ୍କୁ କହି ବି ଗଛ ଲଗାଇବା ଓ ଫୁଲ ଫୁଟାଇବା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଜମି ହଡ଼ପ ଉଦ୍ୟମ ଓ ଧମକ ଅଭିଯୋଗରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ କଳ୍ପନା

ଦେଢ଼ଶୁରଙ୍କ ବିରୋଧରେ ଅଭିଯୋଗ; ଆର୍.ଆଇ.ଙ୍କ ଦୁର୍ବ୍ୟବହାର ନେଇ ମଧ୍ୟ ଫେରାଦ

ଖୋର୍ଦ୍ଧା,(ମହାଭାରତ) : ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କୁ ନେଇ ଜୀବନ ସଂଗ୍ରାମ ଜାରି ରଖିଥିବା ଜଣେ ମହିଳା ଏବେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ପାରିବାରିକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ନିଜ ଓ ପିଲାମାନଙ୍କ ଅଧିକାରକୁ ଉପେକ୍ଷା କରି ଜମି ହଡ଼ପ ଉଦ୍ୟମ ସହ ସ୍ୱାମୀଙ୍କ ପୈତୃକ ଘରୁ ବିତାଡ଼ିତ କରିବାକୁ ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଉତ୍ତରାଧିକାରୀ ପ୍ରମାଣପତ୍ରରେ ନାମ ବାଦ୍ ପଡ଼ିବା ଏବଂ ଏ ସଂକ୍ରାନ୍ତରେ ପଚାରିବାରୁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ଆଣି ନ୍ୟାୟ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି କଳ୍ପନା ଭୂୟାଁ। କଳ୍ପନାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୪ରେ ସ୍ୱାମୀ ସ୍ୱର୍ଗତ ଜ୍ଞାନ ରଞ୍ଜନ ଭୂୟାଁଙ୍କ ମୃତ୍ୟୁ ପରେ ସେ ନିଜ ପିଲାମାନଙ୍କ ସହ ଭୁବନେଶ୍ୱରର ବିଜେବି ନଗରରେ ରହୁଛନ୍ତି। ଏହି ସମୟରେ ଶ୍ୱଶୁରଙ୍କ ନାମରେ ଥିବା ଘରବାଡ଼ି ଜମିକୁ ନେଇ ବିବାଦ ଉପୁଜିଛି। ଭୁବନେଶ୍ୱର ଲକ୍ଷ୍ମୀସାଗର ମୌଜାର ଖାତା ନଂ ୧୮୭୨ ଓ ପ୍ଲଟ୍ ନଂ ୨୫୮୮ରେ ଥିବା ୦.୦୪୬୦ ଡିସିମିଲ ଘରବାଡ଼ି ଜମିକୁ ନିଜ ନାମରେ ରେକର୍ଡଭୁକ୍ତ କରିବା ପାଇଁ ତାଙ୍କ ଦେଢ଼ଶୁର ମନୋରଞ୍ଜନ ଭୂୟାଁ ଭୁବନେଶ୍ୱର ତହସିଲରେ ମ୍ୟୁଟେସନ ମାମଲା ନଂ ୧୭୧୫୧/୨୦୨୬ ରୁଜୁ କରିଛନ୍ତି। ଏହି ଆବେଦନକୁ କଳ୍ପନା ବିରୋଧ କରିବା ସହ ସମସ୍ତ ଆଇନସମ୍ମତ ଉତ୍ତରାଧିକାରୀଙ୍କ ଅଧିକାରକୁ ବିଚାରକୁ ନେବାକୁ ଦାବି କରିଛନ୍ତି। ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରରୁ ତାଙ୍କ ସମେତ ପିଲାମାନଙ୍କ ନାମ ବାଦ୍ ଦେଇ ସମ୍ପୃକ୍ତ ଜମିକୁ ଏକକ ଭାବେ ନିଜ ନାମରେ କରିବାକୁ ଦେଢ଼ଶୁର ଉଦ୍ୟମ କରୁଥିବା କଳ୍ପନା ଅଭିଯୋଗ କରିଛନ୍ତି। ଏଥିସହ ନିଜେ ରହୁଥିବା ଘରୁ ବାହାର କରିଦେବାକୁ ଧମକ ଦିଆଯାଉଥିବା ଏବଂ କିଛି ଅସାମାଜିକ ବ୍ୟକ୍ତିଙ୍କ ମାଧ୍ୟମରେ ଭୟଭୀତ କରାଯାଉଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସମ୍ପତ୍ତିକୁ ନେଇ ବିବାଦ ପୂର୍ବରୁ ମଧ୍ୟ ରହିଥିବା ସେ ଦର୍ଶାଇଛନ୍ତି। କଳ୍ପନାଙ୍କ କହିବା ଅନୁଯାୟୀ, ୨୦୧୮ରେ ଶ୍ୱଶୁର ଅସୁସ୍ଥ ଥିବା ସମୟରେ ତାଙ୍କ ଅସୁସ୍ଥତାର ସୁଯୋଗ ନେଇ ପାୱାର ଅଫ୍ ଆଟର୍ଣ୍ଣି ଜରିଆରେ ଦେଢ଼ଶୁର ଉକ୍ତ ଜମିକୁ ନିଜ ନାମରେ କରାଇ ନେଇଥିଲେ। ଏହାକୁ ବିରୋଧ କରି ସେ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ ନିକଟରେ ମ୍ୟୁଟେସନ ଅପିଲ ମାମଲା ନଂ ୩୫୫/୨୦୨୦ ଦାଖଲ କରିଥିଲେ। ଉକ୍ତ ଅପିଲ ଆଧାରରେ ସମ୍ପୃକ୍ତ ପଟ୍ଟା ଖାରଜ ହୋଇଥିବା ସେ ଦାବି କରିଛନ୍ତି। ଏବେ ପୁନର୍ବାର ମ୍ୟୁଟେସନ ଆବେଦନ ହେବା ପରେ ପୁରୁଣା ବିବାଦ ନୂଆ ମୋଡ଼ ନେଇଛି। ଅନ୍ୟପକ୍ଷରେ, ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ କଳ୍ପନା କରିଥିବା ଆବେଦନ ନଂ ଇ-ଏଲ୍‌ଏଚ୍‌ସି-୨୦୨୬/୯୮୮୭୮କୁ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ନାକଚ କରିଦେଇଥିବା ସେ କହିଛନ୍ତି। ଆବେଦନ ନାକଚର କାରଣ ଜାଣିବାକୁ ଆର୍ ?ଆଇଙ୍କୁ ପଚାରିବା ସମୟରେ ତାଙ୍କ ସହ ଅସୌଜନ୍ୟମୂଳକ ଆଚରଣ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଜମି ମ୍ୟୁଟେସନ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ସହ ସମସ୍ତ ଆଇନସମ୍ମତ ଉତ୍ତରାଧିକାରୀଙ୍କ ଦାବିକୁ ଉଚିତ ଗୁରୁତ୍ୱ ଦେବାକୁ କଳ୍ପନା ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଖୋର୍ଦ୍ଧାରେ ଆୟୋଜିତ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିରରେ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗର ନିରପେକ୍ଷ ତଦନ୍ତ, ଉତ୍ତରାଧିକାରୀ ପ୍ରମାଣପତ୍ରରେ କଥିତ ଅନିୟମିତତାର ଯାଞ୍ଚ, ମ୍ୟୁଟେସନ ମାମଲାରେ ତାଙ୍କ ପକ୍ଷ ଶୁଣାଣି ଏବଂ ଧମକ ଅଭିଯୋଗର ତଦନ୍ତ କରି ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ ପାଇଁ ସେ ନିବେଦନ କରିଛନ୍ତି।

ଚୋରା ଗଞ୍ଜେଇ, ଅଫିମର, ବିଦେଶୀ ମଦ, ଦେଶୀ ପାଉଚ ବେଧଡକ କାରବାର



ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏବେ ଚୋରା ଗଞ୍ଜେଇ, ଦେଶୀ ପାଉଚ ଓ ବିଦେଶୀ ମଦର ବେଧଡକ କାରବାର ହେଉଥିବା ବେଳେ ପରଜଙ୍ଗ ଅବକାରୀ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବାର ଅଭିଯୋଗ ହେଉଛି । ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବହୁ ଛୋଟ ଦୋକାନରେ ଗଞ୍ଜେଇ ପୁଡିଆ ସହିତ ସିଗାରେଟ ରେ ଭର୍ତ୍ତି କରାଯାଇ ଗଞ୍ଜେଇ ଏବଂ ଅଫିମ ବେଧଡକ ବିକ୍ରି ଚାଲିଛି। ପରଜଙ୍ଗ ସହର ସଂନିକଟ ସାରଙ୍ଗ, ବାରିହାପୁର, ପାଟର ପଦା ଏବଂ ବ୍ଲକ ଅନ୍ତର୍ଗତ ସାନ୍ଦା, ରୋଡ, ପାଳସାହି, କୁଆଳ ଆଦି ଗ୍ରାମରେ ଥିବା ଛୋଟ ଛୋଟ ଦୋକାନ ରେ ଗଞ୍ଜେଇ ପୁଡିଆ ସହିତ ସିଗାରେଟ ଏବଂ ଅଫିମ ବିକ୍ରି କରାଯାଉଥିବାର ଅଭିଯୋଗ ହେଉଛି । କେତେକ ଗଞ୍ଜେଇ ବେପାରୀ ଅନୁଗୋଳ ରୁ କାର ରେ ଗଞ୍ଜେଇ ଓ ଅଫିମ ଆଣି ପାନ ବ୍ୟବସାୟ ନାମରେ ପାଟର ପଦା , ଭାଲୁ ମୁଣ୍ଡା , ଲୋଧଣୀ ଓ ରୋଡ ,ସାରଙ୍ଗ, ବାରିହାପୁର ଆଦି ସ୍ଥାନରେ ଗଞ୍ଜେଇ, ଦେଶୀ ପାଉଚ, ବିଦେଶୀ ମଦ ସହିତ ଅଫିମ ବିକ୍ରୟ କରି ଆସୁଥିବା ବେଳେ ପରଜଙ୍ଗ ଅବକାରୀ ବିଭାଗୀୟ କର୍ମଚାରୀ ଙ୍କ ଗୋଚରରେ ବେଧଡକ ବିକ୍ରୟ ହେଉଥିବାର ଅଭିଯୋଗ ହେଉଛି । ତେବେ ଏ ସଂକ୍ରାନ୍ତରେ ବାହାରୁ ଆସୁଥିବା ଗଞ୍ଜେଇ, ଅଫିମ ଚାଲାଣ ଓ ବିଦେଶୀ ମଦ, ଦେଶୀ ପାଉଚ ପ୍ରତି କେବେ ଗୁରୁତ୍ୱ ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ପରଜଙ୍ଗ ଅବକାରୀ ବିଭାଗ ଓ କାମାକ୍ଷା ନଗର ଏବଂ ଜିଲ୍ଲା ପ୍ରଶାସନ ତାହା ଦେଖିବାକୁ ବାକିରହିଲା । ନଚେତ ଆଗାମୀ ଦିନରେ ଏହା ନଜରକୁ ଆସିଲେ ପୁଣି ଖବର ବାରମ୍ବାର ପ୍ରସାରିତ ହେବ ।

ଚିକେନ୍ ପକୋଡ଼ା ନାଁରେ ଗ୍ରାହକଙ୍କୁ ଠକେଇ ଅଭିଯୋଗ ! ଚିକେନ୍ କମ୍, ଆରାରୁଟ୍ ଅଧିକ; ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ ଦାବି

ରାଇଘର, (ମହାଭାରତ) : ଚିକେନ୍ ପକୋଡ଼ା ଖାଇବାକୁ ଟଙ୍କା ଦେଉଛନ୍ତି ଗ୍ରାହକ, ହେଲେ ପକୋଡ଼ାରେ ଚିକେନ୍ ଅପେକ୍ଷା ଆରାରୁଟ୍‌ର ପରିମାଣ ଅଧିକ ରହୁଥିବା ଅଭିଯୋଗ ! ଏଭଳି ଅଭିଯୋଗକୁ ନେଇ ରାଇଘର ବଜାରରେ ଏବେ ଚର୍ଚ୍ଚା ଜୋର ଧରିଛି ।ସ୍ଥାନୀୟ ଅଞ୍ଚଳର କେତେକ ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, କେତେକ ଦୋକାନରେ ଚିକେନ୍ ପକୋଡ଼ା ନାଁରେ ଅତି କମ୍ ପରିମାଣର ଚିକେନ୍ ଦେଇ ଅଧିକ ମାତ୍ରାରେ ଆରାରୁଟ୍ ବ୍ୟବହାର କରାଯାଉଛି । ଫଳରେ ଗ୍ରାହକମାନେ ଉଚିତ ମୂଲ୍ୟ ଦେଇ ମଧ୍ୟ ଆଶାନୁଯାୟୀ ଖାଦ୍ୟ ପାଉନଥିବା ଅଭିଯୋଗ ହେଉଛି । ଏହା କେବଳ ଗ୍ରାହକଙ୍କ ଠକେଇର ପ୍ରଶ୍ନ ନୁହେଁ, ବରଂ ଖାଦ୍ୟର ଗୁଣବତ୍ତା ଓ ଜନସ୍ୱାସ୍ଥ୍ୟ ସହ ମଧ୍ୟ ଜଡ଼ିତ । ତେଣୁ ଖାଦ୍ୟ ସୁରକ୍ଷା ବିଭାଗ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ରାଇଘର ବଜାରରେ ଥିବା ଚିକେନ୍ ପକୋଡ଼ା ଦୋକାନଗୁଡ଼ିକରେ ଅଚାନକ ଯାଞ୍ଚ କରିବା ସହ ଖାଦ୍ୟର ନମୁନା ସଂଗ୍ରହ କରିବାକୁ ସାଧାରଣରେ ଦାବି ହେଉଛି ।ଯଦି ଯାଞ୍ଚ ସମୟରେ ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ହେଉଛି। ଏବେ ପ୍ରଶ୍ନ ଉଠୁଛି, ଗ୍ରାହକଙ୍କୁ ଶୁଦ୍ଧ ଓ ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଯୋଗାଇବା ପାଇଁ ଖାଦ୍ୟ ସୁରକ୍ଷା ବିଭାଗ କେବେ ତତ୍ପର ହେବ ?

୬ ଟି ସ୍ୱୀକୃତିପ୍ରାପ୍ତ ଫେଡେରେସନ ର ଦୁଇ ଦିନିଆ ବୈଠକ

ପାରାଦୀପ, (ମହାଭାରତ) : ତାମିଲନାଡୁ ର ତୁତିକୋରିନ୍ ଠାରେ ଦେଶର ସମସ୍ତ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଗ୍ରୁପ୍ 'ସି' ଓ 'ଡି' ପୋର୍ଟ ଏବଂ ଡକ୍ କର୍ମଚାରୀଙ୍କ ବେତନ ସଂଶୋଧନ, ଅବସରକାଳୀନ ସୁବିଧା ଏବଂ ଅନ୍ୟାନ୍ୟ ସେବା ସର୍ତ୍ତାବଳୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୦୧ ଜାନୁଆରୀ ୨୦୨୭ରୁ କାର୍ଯ୍ୟକାରୀ ହେବାକୁ ଥିବା ପରବର୍ତ୍ତୀ ୫ ବର୍ଷିଆ ବେତନ ଚୁକ୍ତି ପାଇଁ ଦେଶର ୬ଟି ସ୍ୱୀକୃତିପ୍ରାପ୍ତ ଫେଡେରେସନ ପକ୍ଷରୁ ମିଳିତ 'ଚାର୍ଟର ଅଫ୍ ଡିମାଣ୍ଡ' ଆନୁଷ୍ଠାନିକ ଭାବେ ପ୍ରସ୍ତୁତ କରାଯାଇ ସମସ୍ତ ପ୍ରମୁଖ ବନ୍ଦର ପ୍ରାଧିକରଣର ଅଧକ୍ଷମାନଙ୍କୁ ପ୍ରଦାନ କରାଯାଇଛି।



ତାମିଲନାଡୁର ତୁତିକୋରିନ୍ (ଭି.ଓ.ସି. ପୋର୍ଟ) ଠାରେ ଅକ୍ଟୋବର ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ଏହି ଐତିହାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ୬ଟି ମାନ୍ୟତାପ୍ରାପ୍ତ ଫେଡେରେସନର ରାଷ୍ଟ୍ରୀୟ ସଭାପତି ଓ ସାଧାରଣ ସମ୍ପାଦକମାନେ ଉପସ୍ଥିତ ରହି ଦାବିପତ୍ରର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘ (ବିଏମଏସ) ତରଫରୁ ସର୍ବଭାରତୀୟ ସଭାପତି ଶ୍ରୀକାନ୍ତ ରାଏ ଏବଂ ସାଧାରଣ ସମ୍ପାଦକ ସୁରେଶ ପାଟିଲ ଯୋଗଦେଇ କର୍ମଚାରୀମାନଙ୍କ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ। ବୈଠକରେ ଶ୍ରୀକାନ୍ତ ରାଏ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ କେତେକ ଅତ୍ୟନ୍ତ ଆଧୁନିକ ତଥା ଯୁଗୋପଯୋଗୀ ପ୍ରସଙ୍ଗ ଉଠାଇ ତାହାକୁ ଚାର୍ଟରେ ଅଫ୍ ଡିମାଣ୍ଡରେ ସାମିଲ କରିବା ପାଇଁ ଦୃଢ଼ ଦାବି ଜଣାଇଥିଲେ । କର୍ମଚାରୀମାନଙ୍କ ପାଇଁ କ୍ୟାଫେଟେରିଆ ସୁବିଧା ଲାଗୁ କରିବା, ପ୍ରତ୍ୟେକ କର୍ମଚାରୀଙ୍କୁ ମାସିକ ମୋବାଇଲ୍ ରିଚାର୍ଜ ଓ ଇଣ୍ଟରନେଟ୍ ଖର୍ଚ୍ଚର ପ୍ରତିପୂର୍ତ୍ତି ପ୍ରଦାନ, କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ମୋବାଇଲ୍ ଫୋନ୍ ଏବଂ ଲ୍ୟାପଟପ୍ କ୍ରୟ ବାବଦ ଖର୍ଚ୍ଚର ଭରଣା,ବନ୍ଦର ଗୁଡିକରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀମାନଙ୍କ ବେତନ ସଂଶୋଧନ ଏବଂ ସେମାନଙ୍କ ସେବା ସର୍ତ୍ତାବଳୀରେ ଉନ୍ନତି ଆଣିବା, ପୂର୍ବ ବେତନ ଚୁକ୍ତିର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଯାଉଥିବା ବେଳେ, ୦୧.୦୧.୨୦୨୭ରୁ ଯେପରି ବିଳମ୍ବ ନ ହୋଇ ତୁରନ୍ତ ନୂତନ ବେତନ ହାର କାର୍ଯ୍ୟକାରୀ ହୋଇପାରିବ, ସେଥିପାଇଁ କେନ୍ଦ୍ର ସରକାର ତଥା ଭାରତୀୟ ପୋର୍ଟସ ଆସୋସିଏସନ (ଆଇପିଏ) ତୁରନ୍ତ ଆଲୋଚନା ପ୍ରକ୍ରିୟା ଆରମ୍ଭ କରିବାକୁ ୟୁନିଅନ୍ ନେତୃବୃନ୍ଦ ଦାବି କରିଛନ୍ତି ବୋଲି ପାରାଦୀପ ର ବିଏମଏସ ତରଫରୁ ସୂଚନା ମିଳିଛି ।

ପାରାଦୀପ ବନ୍ଦର ପଣ୍ୟ ପରିବହନରେ ରେକର୍ଡ ୭.୯୫% ଅଭିବୃଦ୍ଧି

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଅକ୍ଟୋବର ୨୦୨୬ରେ ପଣ୍ୟ ପରିଚାଳନାରେ ଏକ ଦୃଢ଼ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ଅକ୍ଟୋବର ୨୦୨୫ରେ ୧୨.୧୯ ନିୟୁତ ଟନ୍ ତୁଳନାରେ ୧୩.୧୬ ନିୟୁତ ଟନ୍ ପ୍ରଭାବଶାଳୀ ପଣ୍ୟ ପରିବହନ ରେକର୍ଡ ହାସଲ କରିଛି । ବନ୍ଦରରେ ୯,୬୯,୫୨୮ ମେଟ୍ରିକ ଟନ୍ ବୃଦ୍ଧି ରେକର୍ଡ କରିଛି, ଯାହା ପୂର୍ବ ବର୍ଷର ସମାନ ମାସ ତୁଳନାରେ ୭.୯୫% ଅଭିବୃଦ୍ଧି ହାସଲ କରିଛି, ଯାହା ଭାରତର ପ୍ରମୁଖ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଦେଶର ସାମୁଦ୍ରିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଅବଦାନକାରୀ ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି । ଏ ହ ସଫଳତ। ପାରାଦୀପ ବନ୍ଦର ର ନିରନ୍ତର କାର୍ଯ୍ୟକ୍ଷମ ଦକ୍ଷତା, ଦୃଢ଼ ପଣ ପରିଚାଳନା କ୍ଷମତା, ବର୍ଦ୍ଧ ଲଜିଷ୍ଟି ସମନ୍ୱ ଏବଂ ବନ୍ଦର



କାର୍ଯ୍ୟକୁ ସୁଗମ ଏବଂ ଦକ୍ଷ କରିବା ପାଇଁ ଏହାର କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ଏସ.କେ.ପୁରୋହିତ ସମସ୍ତ କର୍ମଚାରୀ ଏବଂ ଅଂଶୀଦାରମାନଙ୍କର ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ସେ ସମସ୍ତଙ୍କୁ ଅଧିକ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ, ଯାହା ଦ୍ୱାରା ବିକାଶ ଭାରତର ଦୃଷ୍ଟିକୋଣ ପ୍ରତି ଅବଦାନ ଏବଂ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରାଯାଇପାରିବ ।

୩ ଦିନିଆ ପାରାଜୁଡୋ ଚାମ୍ପିୟାନସିପ ଆରମ୍ଭ

ପାରାଦୀପ, (ମହାଭାରତ) : ପାରାଦୀପ ରେ ଆରମ୍ଭ ହୋଇଛି ୩ ଦିନିଆ ପାରାଜୁଡୋ ଚାମ୍ପିୟାନସିପ । ଓଡିଶା ର ୨୧ ଜିଲ୍ଲା ର ପାଖାପାଖି ୨୫୦ ପ୍ରତିଯୋଗି ଏହି ଦୃଷ୍ଟିହୀନ ପାରାଜୁଡୋ ଚମ୍ପିୟାନସିପ ଆଜି ପାଲଟିଛି ଆକର୍ଷଣ। ଓଡିଶା ରେ



ତିନିବର୍ଷ ହେବ ରାଜ୍ୟ ସ୍ତରୀୟ ପାରାଜୁଡୋ ଚାମ୍ପିୟାନସିପ ଅନୁଷ୍ଠିତ ହେଉଥିବା ବେଳେ ପାରାଦୀପ ରେ ଇଣ୍ଡୋର ଷ୍ଟାଡିୟମ ରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ଦ୍ୱିତୀୟ ଦିନରେ ଓଡିଶା ସରକାର ଙ୍କ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଚଳିତ ରାଜ୍ୟ ସ୍ତରୀୟ ପାରାଜୁଡୋ ମାସ୍କଟ ଉନ୍ମୋଚନ କରିବା ସହିତ ବିଗତ ଦିନରେ ଜାତୀୟ, ଅନ୍ତର୍ଜାତୀୟ ଓ ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ଖେଳାଳି, ଅଫିସିଆଲ ଓ ଆୟୋଜକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷମନ୍ତ୍ରୀ । ଏହା ସହିତ ଦୃଷ୍ଟିହୀନ କ୍ରୀଡ଼ାବିତ ମାନଙ୍କ ଧୈର୍ଯ୍ୟ, ଶକ୍ତି ଓ ସାହସ ପ୍ରଦାନ କରିବା ସହିତ ସମସ୍ତ ବର୍ଗର ଏହି ପାରାଜୁଡୋ ଖେଳାଳି ମାନେ କେବଳ ଓଡିଶା କାହିଁକି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାମ କରନ୍ତୁ ବୋଲି କହିଛନ୍ତି ଶିକ୍ଷମନ୍ତ୍ରୀ । ବିଗତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରୁ କୃତି କ୍ରୀଡ଼ାବିତ ମାନେ ରାଜସ୍ଥାନ ରେ ଆୟୋଜିତ ଜାତୀୟ ପାରାଜୁଡୋ ଚମ୍ପିୟାନସିପ ରେ ଯେଉଁଭଳି ସଫଳତା ଅର୍ଜନ କରିଥିଲେ ନିଶ୍ଚିତ ଭାବରେ ଚଳିତ ବର୍ଷ ର ଏହି ରାଜ୍ୟସ୍ତରୀୟ ପାରାଜୁଡୋ ଚାମ୍ପିୟାନସିପ ସମସ୍ତ ଖେଳାଳି ମାନଙ୍କ ମନୋବଳ ବଢାଇବ ବୋଲି କହିଛନ୍ତି କୋଚ ଲୋପାମୁଦ୍ରା ପତି । ଆଜି ଯେଉଁଭଳି ପାରାଜୁଡୋ ଖେଳାଳି ମାନେ ସଫଳତା ଅର୍ଜନ କରିଛନ୍ତି ସେମାନଙ୍କ ପାଇଁ ଯଦି ରାଜ୍ୟ ସରକାର ଙ୍କ ତରଫରୁ ଏକ ଛାତ୍ରବାସ ନିର୍ମାଣ କରାଯାଇ ପ୍ରଶିକ୍ଷଣ ଦିଆଯାଇ ପାରନ୍ତା ତେବେ ନିଶ୍ଚିତ ଭାବରେ ଏହି ଦୃଷ୍ଟିହୀନ ଖେଳାଳି ମାନେ ଭାରତବର୍ଷ ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି ଓଡିଶା ପାରାଜୁଡୋ ଆସୋସିଏସନ ର ସଭାପତି ।

ଓଡ଼ିଶାର ଐତିହ୍ୟ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀର ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ



ଖୋର୍ଦ୍ଧା ସଦର, (ମହାଭାରତ): ଦୀର୍ଘ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ,ଶ୍ରୀଜଗନ୍ନାଥ ଚେତନାର ବାର୍ତ୍ତାକୁ ବହନ କରି ଚାରଣ ଗୋଷ୍ଠୀ ସମାଜରେ ମହାପ୍ରଭୁଙ୍କର କୃପା କୈବଲ୍ୟ କୁ ବିତରଣ କରିବାରେ ବ୍ରତୀ ଅଛି। ୧୯୭୦ମସିହାରେ ଚୁଲି ଝିଙ୍କା ବା ଅତଏବ ଉତ୍ତର ପରି ୨ଜଣ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ସାଙ୍ଗ ହେଲେ,ବରେଣ୍ୟ ହରିଶ୍ଚନ୍ଦ୍ର ସାହୁ ପୁରୁସାହି ଖୋର୍ଦ୍ଧାର ଓ ଗୋପାଳ ଚନ୍ଦ୍ର ରଥ ଗଞ୍ଜାମ ଆସିକାର। ଏଦୁଇ ଜଣଙ୍କ ସହ ଯୋଗ ହେଲେ ପୁରୀର ପୁଣ୍ୟଶ୍ଳୋକ ପଦ୍ମଶ୍ରୀ ସଦାଶିବ ରଥଶର୍ମା ମହୋଦୟ। ଏମାନଙ୍କର ଉଦ୍ଦେଶ୍ୟ ହେଲା ସମାଜରେ ଜଗନ୍ନାଥଙ୍କୁ ଆଧାର କରି ଜଗତ କଲ୍ୟାଣ କରିବା ।ସେମାନଙ୍କର ନାରା ଥିଲା, ଆମର ଲକ୍ଷ୍ୟ ସୁସ୍ଥ ସମାଜ, ଆମର ପଥ ଅର୍ଘ୍ୟ ପଥ, ଆର୍ଘ୍ୟ ପଥ ତ୍ୟାଗର ପଥ, ତ୍ୟାଗର ପଥ ସତ୍ୟ ପଥ,ଚରୈବେତି, ଚରୈବେତି, ଚରେନ୍ ବୈ ମଧୁବିନ୍ଦତି। ପରେ ପରେ ଲୋକ ସଂଗ୍ରହ କାର୍ଯ୍ୟକ୍ରମ ପ୍ରବ୍ରଜ୍ୟା ।ଅର୍ଥାତ୍ ଗାଁ ରୁ ଗାଁ ପାଦରେ ଚାଲଚାଲି,ବର୍ଷକୁ ବର୍ଷ ଜିଲ୍ଲାରୁ ଜିଲ୍ଲା କରାଗଲା ।ତାପରେ ପ୍ରାଦେଶିକ ଉତ୍ସବ ଅନୁଷ୍ଠିତ ହେଲା ।ଓଡ଼ିଶା ବାହାରେ ମଧ୍ୟ ।ଏବେ ଶାତବର୍ଷ ହେବ ଏହିସଂସ୍କୃତି ଜ୍ଞାନ ପରୀକ୍ଷା ଯୋଡ଼ା ହୋଇଅଛି ।ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା,ଆମେ ସମସ୍ତେ ଭଗବାନ ଜଗନ୍ନାଥଙ୍କୁ ଭଲପାଉଛି,ଏଥିରେ ଦ୍ୱିମତ ନାହିଁ।କିନ୍ତୁ ମହାପ୍ରଭୁଙ୍କ ପାଖରେ ଯେଉଁ ଦିବ୍ୟ ଗୁଣ ଅଛି ଆମର ତଥା ସମାଜ କଲ୍ୟାଣ ନିମିତ୍ତ ଉର୍ଦ୍ଦିଷ୍ଟ ତାହାକୁ ନିଜେ ଜାଣି ଅନୁଭବ କରି ତାହାକୁ କାର୍ଯ୍ୟରେ ରୁପଦେଇ ଅନ୍ୟ ପାଖରେ ପହଞ୍ଚାଇବା ସୁସ୍ଥ ସମାଜ ଗଠନ ପାଇଁଏ ହେଉଛି ତାର ମୌଳିକ ପରିଚୟ ।ତେଣୁପ୍ରଥମିକ ପର୍ଯ୍ୟାୟରେ ତୃଣମୂଳ ସ୍ତରରୁ ଛାତ୍ର ଛାତ୍ରୀ ମାନଙ୍କ ମନରେ ଏହି ମହତ୍ ଭାବନା କୁ ଜାଗ୍ରତ କରାଇବା ପାଇଁ ଏହା ପ୍ରୟାସ ମାତ୍ର ।ଖାଲି ଓଳସିଂହ ଦାଶରଥି ଉଚ୍ଚ ବିଦ୍ୟାଳୟରେ ନୁହଁ,ସମଗ୍ରବିଶ୍ୱରେ ଯେଉଁଠି ଆମ ଓଡ଼ିଆ ମାନେ ଅଛନ୍ତି,ସେମାନଙ୍କ ସହଯୋଗରେ ଅଫ ଲାଇନ୍, ଅନ ଲାଇନ୍ ଉଭପକ୍ଷରୁ ପରୀକ୍ଷାର ଆୟୋଜନ କରାଯାଇଛି ।ଗୋଟିଏ ତାରିଖ, ଗୋଟିଏ ସମୟରେ। ନଭେମ୍ବର ୧ ରବିବାର ।ଆଶାକରୁ ଆଗାମୀ ଦିନରେ ଯଦି ଆମ୍ଭମାନଙ୍କୁ କିଛି ମୋହନ ବ୍ୟକ୍ତି ଜଗନ୍ନାଥ ଚେତନାରେ ଅନୁପ୍ରାଣିତ ହୋଇ ତଥା ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗ ସହଯୋଗ କରନ୍ତେ ତେବେ ଆହୁରି ବ୍ୟାପକ ହୋଇ ପାରନ୍ତା।

୨ ମାସ ହେଲା ଅଚଳ ନଳକୂପ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ବେଲପଦା ଶାସନ ପଞ୍ଚାୟତର ବଣିଆ ସାହିରେ ଦୀର୍ଘ ଦୁଇ ମାସ ଧରି ଏକମାତ୍ର ନଳକୂପଟି ଅଚଳ ହୋଇ ପଡ଼ିରହିଥିବାରୁ ଗ୍ରାମବାସୀ ତୀବ୍ର ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାହିବାସୀଙ୍କ ପକ୍ଷରୁ ଗଣିଆ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦରଖାସ୍ତ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ବଣିଆ ସାହିର ଏହି ନଳକୂପ ଉପରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଗତ ଦୁଇ ମାସ ଧରି ନଳକୂପଟି ଖରାପ ହୋଇ ପଡ଼ିରହିଥିବା ବେଳେ ଟାଣ ଖରାରେ ପାଣି ବାହାରୁ ନଥିବାରୁ ଗ୍ରାମବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପାନୀୟ ଜଳ ଟୋପାଏ ପାଇଁ ଲୋକେ ତହଳବିକଳ ହେଉଥିବା ବେଳେ କୋମଳମତି ଶିଶୁମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି।

ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁରେ ଜରୁରୀକାଳୀନ ବହିର୍ବିଭାଗ (ଓପିଡି) ସେବା ଆରମ୍ଭ



ପାରାଦୀପ, (ମହାଭାରତ) : ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ଦ୍ରୁତ ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜରୁରୀକାଳୀନ ବହିର୍ବିଭାଗ (ଓପିଡି) ସେବା ଆରମ୍ଭ କରାଯାଇଛି। ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ କରିବା ସହ ସମାଜ କଲ୍ୟାଣ ଓ ମୌଳିକ ସ୍ୱାସ୍ଥ୍ୟସେବାର ସୁଯୋଗକୁ ସୁଦୃଢ଼ କରିବା ପାଇଁ ସଂସ୍ଥାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପୂର୍ବରୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଲୋକମାନେ ବିଶେଷକରି ରାତ୍ରି ସମୟରେ ଜରୁରୀକାଳୀନ ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଉପରେ ନିର୍ଭର କରୁଥିଲେ। ନିକଟରେ ରାତ୍ରିକାଳୀନ ଚିକିତ୍ସା ସେବାର ସୁବିଧା ନଥିବାରୁ ଜରୁରୀ ପରିସ୍ଥିତିରେ ଠିକ୍ ସମୟରେ ଚିକିତ୍ସା ପାଇବା ପାଇଁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜନସାଧାରଣଙ୍କ ଏହି ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏହି ଜରୁରୀକାଳୀନ ଓପିଡି ସେବା ଆରମ୍ଭ କରାଯାଇଛି। ଏହି ସେବା ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଉପଲବ୍ଧ ହେବ। ପ୍ରତିଦିନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ। ଏହି ସେବାକୁ ଅଧିକ ପ୍ରଭାବଶାଳୀ ଓ ସୁଗମ କରିବା ପାଇଁ ରାତ୍ରି ସମୟରେ ଜଣେ ପୂର୍ଣ୍ଣକାଳୀନ ଏମବିବିଏସ ଡାକ୍ତର, ଜଣେ ଉତ୍ସର୍ଗୀକୃତ ସହାୟକ ଏବଂ ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ। ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ପ୍ରାଥମିକ ଚିକିତ୍ସା ପାଇପାରିବେ। ଯେଉଁ ରୋଗୀମାନଙ୍କୁ ଅଧିକ ଉନ୍ନତ ଚିକିତ୍ସା ବା ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହିବ, ସେମାନଙ୍କୁ ଜେଏସଡବ୍ଲୁ ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ। ଏହି ପଦକ୍ଷେପ ଜରୁରୀକାଳୀନ ଚିକିତ୍ସା ସେବା ପାଇବାରେ ବିଳମ୍ବକୁ ହ୍ରାସ କରିବା ସହ ଅନେକ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଠିକ୍ ସମୟରେ ଚିକିତ୍ସା ଓ ଦ୍ରୁତ ଆମ୍ବୁଲାନ୍ସ ସେବା ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେବ। ଏହି ସେବାର ଶୁଭାରମ୍ଭ ଅବସରରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ମନୋଜ ସିଂହ, ଉପସଭାପତି, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପ; ମିତ୍ରଭାନୁ ଚୌଧୁରୀ, ଆସୋସିଏଟ୍ ଉପସଭାପତି, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍, ପାରାଦୀପ; ଏବଂ ଅଭିଜିତ ମହାନ୍ତି, ସିଏସଆର ମୁଖ୍ୟ, ଜେଏସଡବ୍ଲୁ ଫାଉଣ୍ଡେସନ୍, ପାରାଦୀପ ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତିନୋଟି ଗ୍ରାମ ପଞ୍ଚାୟତର ପ୍ରମୁଖ ଜନପ୍ରତିନିଧି ଓ ସମାଜସେବୀଙ୍କ ମଧ୍ୟରେ ସ୍ମୃତି ମନ୍ତ୍ରୀ, ଯଦୁନାଥ ଖଟୁଆ, ତମିଲ ପ୍ରଧାନ, ସମ୍ପଦ ବାରିକ, କେଶବ ରାଉତ, ରଞ୍ଜନ ବର୍ଦ୍ଧନ, ପ୍ରଭାତ ରାଉତ, ପ୍ରଶାନ୍ତ ଲେଙ୍କା, ସନ୍ତୋଷ ମହାନ୍ତି ଓ ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଜନହିତକର ପଦକ୍ଷେପକୁ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣ ଓ ସ୍ଥାନୀୟ ପ୍ରତିନିଧିମାନେ ଭୂୟସୀ ପ୍ରଶଂସା କରିଛନ୍ତି। ଦୀର୍ଘଦିନର ଦାବିକୁ ପୂରଣ କରି ଅଞ୍ଚଳବାସୀଙ୍କୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେଇଥିବାରୁ ସେମାନେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଜେଏସଡବ୍ଲୁ ଫାଉଣ୍ଡେସନ୍‌କୁ କୃତଜ୍ଞତା ଜଣାଇଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଓ ଫାଉଣ୍ଡେସନ୍ ଗ୍ରାମାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟସେବା, ଦ୍ରୁତ ଜରୁରୀକାଳୀନ ସହାୟତା ଓ ନିରନ୍ତର ଜନସମ୍ପର୍କ ମାଧ୍ୟମରେ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛନ୍ତି।



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଶିକ୍ଷକ ବଦଳିକୁ ନେଇ ରାଜରାସ୍ତାରେ ବସିଲେ ଛାତ୍ରଛାତ୍ରୀ

ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ତହସିଲଦାର ପହଞ୍ଚି ଲିଖିତ ପ୍ରତିଶୃତି ଦେବାପରେ ଧାରଣାରୁ ଉଠିଲେ



ନୂଆଗାଁ (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଡ଼ିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ବଦଳିକୁ ନେଇ ଛାତ୍ରଛାତ୍ରୀ ବସିଲେ ରାଜରାସ୍ତାରେ ।ଉକ୍ତ ବିଦ୍ୟାଳୟରେ ସମୁଦାୟ ୨୭୯ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି। ଏଥିପାଇଁ ୧୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିବାକୁ ଥିବା ବେଳେ ବର୍ତ୍ତମାନ ରେଗୁଲାର ଶିକ୍ଷକ ଶିକ୍ଷୟତ୍ରୀ ୪ ଜଣ ଏବଂ ଗେଷ୍ଟ ଶିକ୍ଷକ ୫ ଜଣ ବିଦ୍ୟାଳୟରେ ରହି ପାଠ ପଢ଼ାଉଥିବା ବେଳେ ଏଥି ମଧ୍ୟରୁ ଗତ ଶନିବାର ଜିଲ୍ଲା ପ୍ରଶାସନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶରତ କୁମାର ସାହୁ ଙ୍କୁ ଟାକେରା ଆଶ୍ରମ ବିଦ୍ୟାଳୟକୁ ଏବଂ ସହକାରୀ ଶିକ୍ଷୟତ୍ରୀ ରୁନୁବାଳା ଜେନା ଙ୍କୁ ଉଡ଼ିଆ ଆଶ୍ରମ ବିଦ୍ୟାଳୟକୁ ବଦଳି କରିଛନ୍ତି ।ଯାହାକୁ ନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷକ ବଦଳିକୁ ନେଇ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ କୁ ଉହ୍ଲାଇ ଥିଲେ। ନୂଆଗାଁ ଠାରୁ ବାହାଡାଝୋଲା ପିଡବ୍ଲୁଡ଼ି ରାସ୍ତା ଉପରେ ଛାତ୍ରଛାତ୍ରୀ ମାନେ ନିଆଁ ଜାଳି ରାସ୍ତା ଅବରୋଧ କରିଥିଲେ ।ଯାହାକି ଦୀର୍ଘ ସମୟ ଉଭୟ ପାର୍ଶ୍ୱ ରାସ୍ତା ବନ୍ଦ ରହିଥିଲା ।ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଥିଲା ।ଲୋକଙ୍କ ଯାତାୟତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।ସୂଚନା ଥାଉକି ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ ହାଇସ୍କୁଲରୁ କୌଣସି ଶିକ୍ଷକ ମାନଙ୍କୁ ବଦଳି ନ କରାଯାଉ। ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ବଦଳି ଦ୍ୱାରା ଆମର ପାଠପଢାରେ ବାଧା ସୃଷ୍ଟି ହେଉଛି ।ଯେଉଁ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଇଛି ସେମାନଙ୍କ ଅଡରକୁ ବାତିଲ କରାଯାଉ ।ଯଦି ଜିଲ୍ଲା ପ୍ରଶାସନ ଶିକ୍ଷକ ଙ୍କ ବଦଳି ଅଡର କୁ ବାତିଲ ନ କରନ୍ତି ତେବେ ଆମେ ଆନ୍ଦୋଳନରୁ ହଟିବୁ ନାହିଁ ବୁଲି ଛାତ୍ରଛାତ୍ରୀ ମାନେ ଜିଲ୍ଲା ପ୍ରଶାସନ ଙ୍କୁ କଡ଼ା ଚେତାବନୀ ଦେଇଥିଲେ ।ଅନ୍ୟପଟେ ଖବର ପାଇ ନୂଆଗାଁ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯଂଙ୍କରଶ୍ୱର ନାୟକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ତାଙ୍କର କୌଣସି କଥା ଶୁଣିନଥିବା ଦେଖିବାକୁ ମିଳିଥିଲା ।ଅପରାହ୍ନ ସମୟରେ ନୟାଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଏବଂ ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ଙ୍କୁ ବୁଝାସୁଝା କରିବା ସହିତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶରତ କୁମାର ସାହୁ,ସହକାରୀ ଶିକ୍ଷୟତ୍ରୀ ରୁନୁବାଳା ଜେନା ଙ୍କୁ ବଦଳି ନକରିବା ପାଇଁ ଲିଖିତ ପ୍ରତିଶୃତି ଦେବାପରେ ଛାତ୍ରଛାତ୍ରୀ ମାନେ ଧାରଣାରୁ ଉଠିଥିଲା। ପରବର୍ତ୍ତୀ ସମୟରେ ଯାନବାହାନ ଏବଂ ଲୋକଙ୍କ ଯାତାୟତ ସ୍ୱାଭାବିକ ହୋଇଥିଲା।

ଶ୍ରୀ ଜଗନ୍ନାଥଙ୍କ ମାମୁଁଘର ନିଆଳୀ ମାଧବାନନ୍ଦ ଜୀଉଙ୍କ ପୀଠରେ ମାଧବା ଅନ୍ନ ପ୍ରସାଦର ଶୁଭାରମ୍ଭ



ନିଆଳୀ (ମହାଭାରତ) ଶ୍ରୀ ଜଗନ୍ନାଥଙ୍କ ମାମୁଁଘର ନିଆଳୀ ମାଧବାନନ୍ଦ ଜୀଉଙ୍କ ପୀଠରେ ପ୍ରଥମ କରି ଶୁଭାରମ୍ଭ ହେଲା ମାଧବା ଅନ୍ନ ପ୍ରସାଦ । ନିଆଳି ପ୍ରାଚୀ ନଦୀ ଅବବାହିକାରେ ଅବସ୍ଥିତ ଥିବା ଏହି ମାଧବାନନ୍ଦ ଜୀଉ ମନ୍ଦିର ଜଗନ୍ନାଥଙ୍କ ମାମୁଁ ଘର ହୋଇଥିବାରୁ ପ୍ରତିଦିନ ଏଠାକୁ ବିଭିନ୍ନ ସ୍ଥାନରୁ ସହ ସହ ଭକ୍ତଙ୍କ ସୁଅ ଛୁଟିଥାଏ । ତେବେ ଆସୁଥିବା ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମାଧବା ନନ୍ଦ ଜିୟୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମଧାବା ଅନ୍ନ ପ୍ରସାଦ ଯୋଗାଇ ଦେବାପାଇଁ ଆଜି ଏହାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଶ୍ରୀ ମାଧବାନନ୍ଦଙ୍କ ପୀଠରେ ଘିଅ ଅନ୍ନ, ମିଠା ଡାଲି, ବେଶରେ, ଶାଗମୁଗ, ଖଟା, ଖିରି ଇତ୍ୟାଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ମାଧବା ଅନ୍ନ ପ୍ରସାଦ ବ୍ୟବସ୍ଥା ପାଇଁ ଦିର୍ଘ ଦିନରୁ ନିଆଳୀ ଅଞ୍ଚଳବାସୀ ଏବଂ ମାଧବାନନ୍ଦ ଜୀଉ ଟ୍ରଷ୍ଟ ବୋର୍ଡ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଥିଲେ । ପରେ ନିଆଳୀ ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କ ପ୍ରଚେଷ୍ଟାରେ ଆଜି ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ମାମୁଁଘର ନିଆଳୀ ମାଧବାନନ୍ଦ ଜୀଉଙ୍କ ପୀଠରେ ମାଧବା ଅନ୍ନ ପ୍ରସାଦ ବ୍ୟବସ୍ଥା ସଫଳ ହୋଇଛି । ଏହି ମାଧବା ଅନ୍ନ ଶୁଭାରମ୍ଭ ଅବସରରେ ମାଧବାନନ୍ଦ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ନିଆଳୀ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟାବ୍ରତ ରାଉତ, ପ୍ରକୃତି ବନ୍ଧୁ ପିତାମ୍ବର ରାଉତ, ଚିନ୍ମୟ ମଲ୍ଲିକ, ଯୁବ ନେତା ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମାଧବା ଅନ୍ନ ପ୍ରସାଦ ବ୍ୟବସ୍ଥାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ପରିଲକ୍ଷିତ ହୋଇଛି ।

ମା ଙ୍କ ସ୍ମୃତିରେ ଅଷ୍ଟପ୍ରହରୀ ନାମଯଜ୍ଞ ସହ ହରିହାଟ



ଆଳି,(ମହାଭାରତ)ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତ ବାଙ୍କେଶ୍ୱର ଗ୍ରାମର ଧର୍ମ ପରାୟଣ ମହିଳା ହେମନ୍ତ କୁମାରୀ ମହାନ୍ତି ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ଡାକ୍ତର ଦେବସ୍ମିତା ଶର୍ମା,କୃଷ୍ଣଚନ୍ଦ୍ର ପଣ୍ଡା, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ,ସୁବ୍ରତ ସତ୍ୟ ମହାନ୍ତି, ସୁବ୍ରତ ବେହୁରା,ନୀଳମଣି ସେଠୀ, କାଳିଆ ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତା ହେମନ୍ତ କୁମାରୀ ଜଣେ ସ୍ନେହୀ ପରୋପକାରୀ, ମିଷ୍ଟଭାସି, ଧର୍ମ ପରାୟଣ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ଏହି ଅବସରରେ ମା ଙ୍କ ସ୍ମୃତିରେ ଅଷ୍ଟପ୍ରହରି ନାମ ସଂକୀର୍ତ୍ତନ ହେବା ସହ ୬୪ ବ୍ରାହ୍ମଣଙ୍କୁ ନେଇ ହରିହାଟ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ଏହି ଧାର୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମକୁ ପୁଅ ଆଲୋକ ମହାନ୍ତି, କିଶୋର ମହାନ୍ତି,ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ବିସିଜେଡି ପ୍ରାର୍ଥୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



ରେଢ଼ାଖୋଲ(ମହାଭାରତ) ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରେଢ଼ାଖୋଲ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଆଜି ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଏହି ଅବସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସଭାରେ ରେଢ଼ାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଛାତ୍ର ପ୍ରତିନିଧିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ପ୍ରଦୀପ ପ୍ରଧାନ ଏବଂ ରେଢ଼ାଖୋଲ ବିଜୁ ଛାତ୍ର ଜନତା ଦଳର ସଭାପତି ଶ୍ରୀ ଶିବସମ୍ଭୁ ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ଛାତ୍ର ସଂସଦ ସଭାପତି ଶିବ ପ୍ରଧାନ, ଉପସଭାପତି ଅବିନାଶ ରାଉତ, ସମ୍ପାଦକ ବାଦଲ ପ୍ରଧାନ, ସହ-ସମ୍ପାଦକ ଓମ୍ ସାହୁ, କ୍ରୀଡ଼ା ସମ୍ପାଦକ ଦୀପକ ସାହୁ ଏବଂ ସାଇନ୍ସ ସୋସାଇଟି ସମ୍ପାଦକ ସମିତ ଦେହୁରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନିଜ ବକ୍ତବ୍ୟରେ ବିଧାୟକ ଶ୍ରୀ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଦେଶ ଓ ସମାଜ ଗଠନରେ ଛାତ୍ର ନେତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଜିଲ୍ଲାସ୍ତରକୁ ଉନ୍ନୀତ



ଓଡଗାଁ(ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୋଡିପଡା ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି ।ଚଳିତବର୍ଷ ମହୋତ୍ସବର ପ୍ରସଙ୍ଗଥିଲା ସମୃଦ୍ଧ ଭାଷା-ସମୃଦ୍ଧ ଓଡ଼ିଶା ।ଓଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ପିଣ୍ଟୁ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀ ମୂଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଓଡ଼ଗାଁ ବ୍ଲକଅଧ୍ୟକ୍ଷ ଲୋକନାଥ ସାହୁ,ଜିଲ୍ଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ,ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ,ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସାହୁ,ଜିଲ୍ଲା ଶିକ୍ଷକସଂଘ ସଭାପତି ଭକ୍ତରଞ୍ଜନ ମିଶ୍ର,ପ୍ରଧାନଶିକ୍ଷକ ଡ.ଘନଶ୍ୟାମ ରାଉତ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି,ବରିଷ୍ଠ ପାଲାଗାୟକ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ କୁଇଜ୍,ପ୍ରବନ୍ଧ ବକ୍ତୃତା,ଦଳଗତ ନୃତ୍ୟ ଆଦିରେ ଅଂଶଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।ସିଆରସିସି ଶ୍ରୀଧର ପରିଡ଼ା,ରାଜେଶ ଷଡ଼ଙ୍ଗୀ,ଗୋଦାବାରୀ ବସନ୍ତିଆ ମଞ୍ଚ ସଂଯୋଜନା କରିଥିବାବେଳେ ନରେଶ ପାଣିଗ୍ରାହୀ,ଯଶୋବନ୍ତ ପଟ୍ଟନାୟକ, ଲଳିତ ମୋହନ ମିଶ୍ର,ରାଜକିଶୋର ନାୟକ,ମନୋଜ କୁମାର ଦାସ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।ଉକ୍ତ ଉତ୍ସବରେ ଓଡ଼ଗାଁ ବ୍ଲକ୍ ୧୫ଟି କ୍ଲଷ୍ଟର ?ର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ସୃଜନଶୀଳ ପ୍ରତିଭା ପ୍ରତିପାଦନ କରିଥିଲେ ।ଝିପ୍ ଝିପ୍ ବର୍ଷା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।ଏଥିରେ ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିବାବେଳେ କୋମଣ୍ଡ ସରକାରୀ ଉପ୍ରା ବିଦ୍ୟାଳୟ ଦ୍ୱିତୀୟ ଓ କୁରାଳ ନୋଡାଲ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି ।ବିଚାରକ ଭାବେ ଡ.ସ୍ୱରୂପ ରଞ୍ଜନ ମିଶ୍ର, ଡ.ଦେବୀପ୍ରସାଦ ପଣ୍ଡା,ଗୋପୀନାଥ ସେଠୀ,ମଧୁମିତା ମିଶ୍ର,ବିଭୁପ୍ରସାଦ ସାହୁ ଓ ଶରତ ଚନ୍ଦ୍ର ଷଡ଼ଙ୍ଗୀ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ଚୟନ କରିଥିଲେ।

ସୁରଭି ୨୦୨୬ ଉଦଯାପିତ



ଆଳି,(ମହାଭାରତ) ସୋମବାର ଦିନ ଆଳି ନିଆଳ ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ଉଦଘାଟନ କରିଥିଲେ। ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ମିନତୀ ବାରିକ, ସମ୍ମାନିତ ଅତିଥି ଦେବରାଜ ନାୟକ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପ୍ରତାପ ସାହୁ,ଆଳି ବ୍ଲକ ସହ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ମଲ୍ଲିକ ଯୋଗ ଦେଇଥିଲେ। ଆଳି ବ୍ଲକର ୧୭ଟି କ୍ଲଷ୍ଟର ରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକୃତା, ତର୍କ, ସୃଜନଶୀଳ ଲେଖା, ପ୍ରବନ୍ଧ ପ୍ରତିଯୋଗିତା, ସଙ୍ଗୀତ, ଓ ନୃତ୍ୟ ପ୍ରତିଯୋଗିତା ହୋଇ ଥିଲା। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବ ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ,ସମ୍ମାନିତ ଅତିଥି ଭାବେ ଚକ୍ରଧର ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର,ଆଳି ବ୍ଲକ ସହ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ମଲ୍ଲିକ,ବଳଭଦ୍ରପୁର କ୍ଲଷ୍ଟର ସିଆରସିସି ମହେଶ୍ୱତା ଲେଙ୍କା,ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପ୍ରତାପ ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଲୁକାୟିତ ପ୍ରତିଭା ର ସଠିକ ପରିପ୍ରକାଶ କିପରି ଭାବରେ ହୋଇଛି ତାହା ପିଲାମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରୁ ସ୍ପଷ୍ଟ ଭାବେ ଜଣା ପଡିଯାଉଛି ବୋଲି ପ୍ରକାଶ କରିଥିଲେ।

ଦୂଷିତ କୂଅ ପାଣି ଭରସାରେ ୭୦ ପରିବାର

ପାନୀୟଜଳ ସମସ୍ୟାର ସମାଧାନ ଦାବିରେ ବିଡିଓଙ୍କ ଦ୍ୱାରସ୍ଥ ହେଲେ ତାସିଗୁଡା ମହିଳା



ଥୁଆମୂଳ ରାମପୁର,(ମହାଭାରତ) : ପାନୀୟଜଳ ସମସ୍ୟାରେ ଦୀର୍ଘ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଶେଷରେ ସମସ୍ୟାର ସମାଧାନ ଦାବିରେ ଶନିବାର ଥୁଆମୂଳ ରାମପୁର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହିଳାମାନେ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବଡଛତ୍ରଙ୍ଗ ପଞ୍ଚାୟତ ଅନ୍ତର୍ଗତ ତାସିଗୁଡା ଗାଁର ଟିକ୍ରାପଡା ଓ ତୋଟାପଡାରେ ଏହି ସମସ୍ୟା ଗୁରୁତର ରୂପ ନେଇଛି। ଟିକ୍ରାପଡାର ୫୦ ଏବଂ ତୋଟାପଡାର ୨୦ ପରିବାର ଦୀର୍ଘଦିନ ଧରି ପାନୀୟଜଳ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ପାଣିର ବିକଳ୍ପ ବ୍ୟବସ୍ଥା ନଥିବାରୁ ଗାଁ ନିକଟ ଚାଷଜମିରେ ଥିବା ଏକ କୂଅର ଦୂଷିତ ପାଣି ବ୍ୟବହାର କରିବାକୁ ପଡାବାସୀ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଜଳବାହିତ ରୋଗର ଆଶଙ୍କା ରହିଥିବା ବେଳେ ଖରାଦିନେ ଜଳ ସଂକଟ ଆହୁରି ଉତ୍କଟ ହେଉଛି ।ପାନୀୟଜଳ ବ୍ୟବସ୍ଥା ପାଇଁ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଗାଁର ବିଭିନ୍ନ ସ୍ଥାନରେ ନଳକୂପ ଖନନ କରାଯାଇଥିଲେ ମଧ୍ୟ ଭୂତଳ ଜଳ ଉତ୍ସ ନଥିବାରୁ ସଫଳତା ମିଳିପାରିନଥିବା ଜଣାପଡିଛି। ଏନେଇ ବିଡିଓ ଧ୍ରୁବ ଚରଣ ମୁଦୁଲି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଜଳ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁ ଅଳ୍ପଦିନ ମଧ୍ୟରେ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ ଦୀର୍ଘ ବର୍ଷର ଜଳକଷ୍ଟରୁ କେବେ ମୁକ୍ତି ପାଇବେ ତାସିଗୁଡାବାସୀ, ତାହା ଏବେ ଅପେକ୍ଷାର ବିଷୟ।

କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ଶୈବ ପୀଠରେ ଭକ୍ତଙ୍କ ସମାଗମ

ଗଜପତି(ମହାଭାରତ): କାର୍ତ୍ତିକ ମାସର ଦ୍ୱିତୀୟ ସୋମବାର ହୋଇ ଥିବାରୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି ।ସକାଳୁ ଭକ୍ତମାନେ ନଡିଆ କଦଳୀ, ବେଲପତ୍ର, କ୍ଷୀର ଦହି, ମହୁ,ଗଇସଫୁଲ ଓ ପଇଡ଼ ପ୍ରଭୃତି ପୂଜା ସାମଗ୍ରୀ ଧରି ଦେବ ଦେବ ମହାଦେବଙ୍କ ପୂଜା ଆରାଧନା କରିଛନ୍ତି ।ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସର ବିଶେଷତ୍ୱ ହେଉଛି ହରି ହରଙ୍କ ମାସ ।ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରି ମହାଦେବଙ୍କୁ ଦର୍ଶନ କରି ପୂଜା କଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି ।ଏହି ଦିନ ଭକ୍ତମାନେ ଉପବାସ ରହି ଶ୍ରିଙ୍କ ଉପରେ ଜଳ,କ୍ଷୀର, ମହୁ, ଦହି,ପଇଡ଼ ପାଣି ପ୍ରଭୃତିରେ ଅଭିଷେକ କଲେ କୋଟି ପୁଣ୍ୟ ମିଳେ ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ ଅଭିଯୋଗ ଶୁଣାଣୀ କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ- ୫୯ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୪୩ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୬ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ଦୁଇ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।   ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ,ସ୍ଥାନୀୟ ତହସିଲଦାର ଶ୍ରୀ ନାରାୟଣ ବେହେରା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

ମନଇଚ୍ଛା ଅଫିସ ଆସୁଥିବା କର୍ମଚାରୀଙ୍କୁ ବିଡିଓଙ୍କ ତାଗିଦ

ଓଡ଼ଗାଁ,(ମହାଭାରତ):ଠିକ୍ ସମୟରେ ଅଫିସ ଆସୁନାହାନ୍ତି ସରକାରୀ ଅଧିକାରୀ ।କିଏ ୧୧ଟାରେ ତ ଆଉ କିଏ ୧୨ଟା କିମ୍ବା ଗୋଟାଏରେ ଅଫିସ ଆସୁଛନ୍ତି ।କେତେବେଳେ କିଏ ଆସୁଛି,ଯାଉଛି ତାର କିଛି ଠିକ୍ ଠିକଣା ନାହିଁ ।ଏବେ ପ୍ରତିଦିନ ବ୍ଲକ୍ କାର୍ଯ୍ୟାଳୟ ଶୂନଶାନ ଦେଖିବାକୁ ମିଳିଛି ।ବିଭିନ୍ନ କାମରେ ଦୂରଦୂରାନ୍ତରୁ ଆସୁଥିବା ଲୋକ ଘଣ୍ଟାଘଣ୍ଟା ଧରି ଅପେକ୍ଷାକରି ଫେରୁଛନ୍ତି ।ଏପରି ଅଭିଯୋଗ ଆସୁଛି ଓଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟରୁ ।ଏହି ବ୍ଲକ୍ ପରିସରରେ ମିସନ ଶକ୍ତିଠାରୁ ଆରମ୍ଭକରି ମହିଳା ଓ ଶିଶୁସୁରକ୍ଷା,ସାମାଜିକ ସୁରକ୍ଷା ବିଭାଗ,ମତ୍ସ୍ୟ,ପଞ୍ଚାୟତିରାଜ,ଶ୍ରମ କାର୍ଯ୍ୟାଳୟ ଆଦିରହିଛି ।କିନ୍ତୁ ଏହିସବୁ ବିଭାଗର କର୍ମଚାରୀ ଠିକ ସମୟରେ ଅଫିସ ଆସୁନଥିବା ଅଭିଯୋଗ ହେଉଛି ।ଏମିତି କି କିଛି କର୍ମଚାରୀ ଆଦୌ ଆସୁ ନଥିବାର ଉଦାହରଣ ରହିଛି ।ଆଉ କିଛି କର୍ମଚାରୀ ଦୂର ପଞ୍ଚାୟତରେ ରହି ତଦନ୍ତ କରୁଥିବା କହି ଖସିଯାଉଛନ୍ତି ।ଅଧିକାଂଶ କାର୍ଯ୍ୟ ଦିବସରେ ଏପରି ଦେଖିବାକୁ ମିଳିଛି ।ଆଜି ଜଣେ ସରକାରୀ କର୍ମଚାରୀ ନିଜର ଉପସ୍ଥାନ ଦେବାକୁ ଆସି ବିଡିଓଙ୍କ ହାତରେ ଧରାପଡ଼ିଛନ୍ତି। ଚଳିତ ମାସରେ ସେମାତ୍ର ୬ରୁ ୭ ଦିନ ଆସିଥିବା ଜଣାପଡ଼ିଥିଲା ।ବିଡିଓ ପ୍ରୀତିବାଳା ରଣା ବିରକ୍ତି ପ୍ରକାଶ କରିବା ସହିତ କାହାକୁ ଜଣାଇ ଛୁଟିରେ ରୁହନ୍ତି ବୋଲି ପ୍ରଶ୍ନ କରିଥିଲେ ।ଏବେ ନିଜ ପାଖରେ ଉପସ୍ଥାନ ଖାତା ରଖିବେ ଓ କିଏ ଆସିଲା ନଆସିଲା ଦେଖିବେ ବୋଲି ପ୍ରକାଶ କରିଛନ୍ତି ।ଯଦି ଠିକ୍ ୧୦ଟା ୧୫ ମଧ୍ୟରେ କୌଣସି କର୍ମଚାରୀ ଅଫିସ ନଆସନ୍ତି ତେବେ ସେମାନଙ୍କର ଅନୁପସ୍ଥିତ ପକାଇବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାସ୍ତା କାମବେଳେ ବଡ଼ ଦୁର୍ଘଟଣା


ବିଦ୍ୟୁତ୍ ଆଘାତରେ ଚାଲିଗଲା ୮ ଶ୍ରମିକଙ୍କ ଜୀବନ



ଜୟପୁର,୨।୧୧: ରାଜସ୍ଥାନର ଝୁନ୍‌ଝୁନୁ ଜିଲ୍ଲାର ଛାପୋଲୀ ଗାଁରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । କଦମ କୁଣ୍ଡ ଆଡ଼କୁ ଯାଉଥିବା ରାସ୍ତାରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଉପର ଦେଇ ଯାଇଥିବା ୧୧ ହଜାର ଭୋଲ୍ଟର ଏକ ହାଇଟେନସନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ରାସ୍ତା ତିଆରି କରୁଥିବା ଏକ ମେସିନ ଆସିଯାଇଥିଲା । ଫଳରେ ମେସିନରେ ବିଦ୍ୟୁତ୍ ପ୍ରବାହିତ ହେବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଏହାର ଶିକାର ହୋଇଥିଲେ । ସୂଚନା ଅନୁଯାୟୀ, ଛାପୋଲୀ ଗାଁରେ କଦମ କୁଣ୍ଡ ନିକଟରେ ରାସ୍ତା ନିର୍ମାଣ କାମ ଚାଲିଥିଲା । ଏହି କାମରେ ଗୋଡ଼ି ମିଶାଉଥିବା ଏକ ମେସିନ୍ ଲଗାଯାଇଥିଲା । ଶ୍ରମିକମାନେ ରାସ୍ତା ନିର୍ମାଣ କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ମେସିନଟି ୧୧ ହଜାର ଭୋଲ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା । ହାଇଟେନସନ ଲାଇନରୁ ବିଦ୍ୟୁତ୍ ପ୍ରବାହ ମେସିନକୁ ଆସିଯିବାରୁ ଶ୍ରମିକମାନଙ୍କୁ ଭୀଷଣ ବିଦ୍ୟୁତ୍ ଝଟକା ଲାଗିଥିଲା । କାହାକୁ ସମ୍ଭାଳିବାର ସୁଯୋଗ ମଧ୍ୟ ମିଳିନଥିଲା ଏବଂ ଘଟଣାସ୍ଥଳରେ ହିଁ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏକାଥରକେ ଏତେସଂଖ୍ୟକ ଶ୍ରମିକଙ୍କ ମୃତ୍ୟୁ ଖବର ପାଇ ଗାଁରେ ଶୋକର ଛାୟା ଖେଳିଯାଇଛି ଏବଂ ଘଟଣାସ୍ଥଳରେ ପ୍ରବଳ ଭିଡ଼ ଜମିଥିଲା । ଏହି ଦୁର୍ଘଟଣାରେ ତିନି ଜଣ ଶ୍ରମିକ ଗୁରୁତର ଭାବେ ପୋଡ଼ି ହୋଇ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ଏହି ଦୁର୍ଘଟଣା ପରେ ମୃତକଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଯାଇଥିବା ବେଳେ ସମଗ୍ର ଅଞ୍ଚଳରେ ଶୋକାହତ ପରିବେଶ ସୃଷ୍ଟି ହୋଇଛି ।

ଦୀପାବଳିରେ ବାଣ ଫୁଟାଇବାକୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ସବୁଜ ବାଣ ଫୁଟାଇବାକୁ ଅନୁମତି





ନୂଆଦିଲ୍ଲୀ,୨।୧୧: ଦୀପାବଳି ପୂର୍ବରୁ ଦିଲ୍ଲୀ-ଏନସିଆର ବାସିନ୍ଦାଙ୍କ ପାଇଁ ଆସିଛି ବଡ଼ ଖବର। ବାଣ ଫୁଟାଇବା ଉପରେ ଲାଗିଥିବା କଟକଣାକୁ ନେଇ ସୁପ୍ରିମକୋର୍ଟ ଦେଇଛନ୍ତି ବଡ଼ ଆଶ୍ୱସ୍ତି। ନିର୍ଦ୍ଦିଷ୍ଟ ସର୍ତ୍ତ ସହ ଦୁଇ ଦିନ ପାଇଁ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ବା ସବୁଜ ବାଣ ଫୁଟାଇବାକୁ ଅନୁମତି ମିଳିଛି। ଅର୍ଥାତ୍ ନଭେମ୍ବର ୭ ଓ ୮ ତାରିଖରେ ଲୋକେ ଗ୍ରୀନ୍ କ୍ରାକର୍ସ ଫୁଟାଇ ଦୀପାବଳି ପାଳନ କରିପାରିବେ। କିନ୍ତୁ ଏହି ଆଶ୍ୱସ୍ତି ମାତ୍ର ଦୁଇ ଦିନ ପାଇଁ ରହିବ। ନଭେମ୍ବର ୯ ତାରିଖରୁ ଦିଲ୍ଲୀ-ଏନସିଆରରେ ପୁଣି ଥରେ ବାଣ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ପ୍ରଦୂଷଣ ନିୟନ୍ତ୍ରଣ ସହ ଲୋକଙ୍କ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ଧ୍ୟାନରେ ରଖି ସର୍ବୋଚ୍ଚ ଅଦାଲତ ଏହି ନିଷ୍ପତ୍ତି ନେଇଛନ୍ତି।

ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ଫୁଟାଇବାକୁ ଅନୁମତି ରହିବ। ସାଧାରଣ ବାଣ କିମ୍ବା ଅନ୍ୟ ପ୍ରକାରର ପଟାକା ଫୁଟାଇବା ଉପରେ ଏହି ଛାଡ଼ ଲାଗୁ ହେବ ନାହିଁ।କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନଭେମ୍ବର ୭ ଓ ୮ ତାରିଖରେ କେବଳ ପ୍ରମାଣିତ ଗ୍ରୀନ୍ କ୍ରାକର୍ସ ଫୁଟାଇପାରିବେ। ନିର୍ଦ୍ଦିଷ୍ଟ ସମୟ ଓ ଅନ୍ୟ ସର୍ତ୍ତ ପାଳନ କରିବାକୁ ପଡ଼ିବ।ତେବେ ସାଧାରଣ ବାଣ ଫୁଟାଇବାକୁ ଅନୁମତି ନାହିଁ। ନଭେମ୍ବର ୯ରୁ ବାଣ ଉପରେ ପୂର୍ବଭଳି ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ସାଧାରଣ ବାଣ ତୁଳନାରେ କମ୍ ପ୍ରଦୂଷଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗ୍ରୀନ୍ କ୍ରାକର୍ସ ପ୍ରସ୍ତୁତ କରାଯାଏ। ଏଥିରେ କିଛି କ୍ଷତିକାରକ ରାସାୟନିକ ପଦାର୍ଥର ବ୍ୟବହାର କମ୍ କରାଯାଏ କିମ୍ବା ବାଦ୍ ଦିଆଯାଏ। ଫଳରେ ପାରମ୍ପରିକ ବାଣ ତୁଳନାରେ ଏଥିରୁ କମ୍ ପ୍ରଦୂଷଣ ସୃଷ୍ଟି ହୋଇଥାଏ।ତେବେ ଗ୍ରୀନ୍ କ୍ରାକର୍ସ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ନୁହେଁ। ଏଥିରୁ ମଧ୍ୟ ଧୂଆଁ ଓ ଶବ୍ଦ ସୃଷ୍ଟି ହୋଇପାରେ। ତେଣୁ ଏହାର ବ୍ୟବହାର ଉପରେ ମଧ୍ୟ ନିୟମ ଓ କଟକଣା ରହିଛି। ଏହା ପୂର୍ବରୁ ସେପ୍ଟେମ୍ବର ୩୦ ତାରିଖରେ ସୁପ୍ରିମକୋର୍ଟ ଦିଲ୍ଲୀ-ଘଉଜରେ ବାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ପରିବର୍ତ୍ତେ ଦୀପାବଳି ସମୟରେ ସୀମିତ ଅବଧି ପାଇଁ ଅନୁମତି ଦେବା ନେଇ ବିଚାର କରିଥିଲେ।କୋର୍ଟ କହିଥିଲେ ଯେ, ଲୋକଙ୍କ ଧାର୍ମିକ ଓ ସାଂସ୍କୃତିକ ଭାବନା ସହ ପରିବେଶ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦିନସାରା ବାଣ ଫୁଟାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ଓ ବାଣର ଶ୍ରେଣୀ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏବେ ଦୁଇ ଦିନ ପାଇଁ ଗ୍ରୀନ୍ କ୍ରାକର୍ସ ଫୁଟାଇବାକୁ ଅନୁମତି ମିଳିଥିବାରୁ ଦିଲ୍ଲୀ-ଘଉଜ ବାସିନ୍ଦାଙ୍କୁ ଆଶ୍ୱସ୍ତି ମିଳିଛି। ତେବେ ଏହି ଛାଡ଼ କେବଳ ସାମୟିକ। ନଭେମ୍ବର ୯ରୁ ପୁଣି ଥରେ ବାଣ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲାଗୁ ହେବ।

ବର୍ଷିଲେ ବମ୍ବେ ହାଇକୋର୍ଟ, କ୍ଷମା ମାଗିଲେ ଅଭିନେତା ଇମ୍ରାନ



ନୂଆଦିଲ୍ଲୀ,୨।୧୧: ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପ୍ରସଙ୍ଗରେ ବଲିଉଡ୍ ଅଭିନେତା ଇମ୍ରାନ ଖାନଙ୍କ ଉପରେ ସୋମବାର ଖୁବ୍ ବର୍ଷିଛନ୍ତି ବମ୍ବେ ହାଇକୋର୍ଟ। କୋର୍ଟ ତାଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି, ଆପଣ ଜଣେ ଓସିଆଇ (ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ) କାର୍ଡ ହୋଲଡ଼ର। ଆପଣ ଜଣେ ଭାରତୀୟ ନାଗରିକ ଭଳି ବ୍ୟବହାର କରିପାରିବ ନାହିଁ। ଆପଣ ଏସ୍ଆଇଆର (ଝଓଜ) ଉପରେ କିଛି କହିପାରିବ ନାହିଁ। କୌଣସି ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ଆପଣଙ୍କର କୌଣସି ଅଧିକାର ନାହିଁ। କୋର୍ଟରେ ଆପଣଙ୍କୁ ଏକ ସ୍ପଷ୍ଟ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ। କୋର୍ଟ ଆହୁରି କହିଥିଲେ, ଯଦି ଜଣେ ଭାରତୀୟ ନାଗରିକ ଆମେରିକାରେ ଏହିଭଳି ବିକ୍ଷୋଭରେ ସାମିଲ ହୋଇଥାଆନ୍ତା, ତା'ହେଲେ ତାଙ୍କର ଅବସ୍ଥା କ'ଣ ହୋଇଥାଆନ୍ତା ଆପଣ କଳ୍ପନା କରନ୍ତୁ। ତାଙ୍କୁ ତତ୍‌କ୍ଷଣାତ୍ ବିମାନରେ ବସାଇ ଭାରତ ପଠାଇ ଦିଆଯାଇଥାଆନ୍ତା। ଇମ୍ରାନ ଖାନ ଅକ୍ଟୋବର ୧୦ ତାରିଖରେ ମୁମ୍ବାଇରେ ମୁଖ୍ୟ ନିର୍ବାଚନ କମିଶନର (ଉରଉ) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଏକ ବିକ୍ଷୋଭରେ ସାମିଲ ହେବା ପରେ ତାଙ୍କୁ ୨୮ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁମ୍ବାଇ ସ୍ଥିତ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ (ରକ୍ଟକ୍ସରସଶଭରକ୍ଟଷ୍ଟ ଜର-ଶସକ୍ଟଭବକ୍ଷ ଜରଶସଥ୍ବକ୍ଟକ୍ସବଷ୍ଟସକ୍ଟଭ ଙ୍ଗଲସମର) ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଇମ୍ରାନ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇମ୍ରାନଙ୍କ ଏହି ଆବେଦନ ଉପରେ ଶୁଣାଣି କରି ଆଜି ହାଇକୋର୍ଟ ତାଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ସଙ୍କଟରେ ଜମ୍ମୁ-କାଶ୍ମୀର ସରକାର

ସମର୍ଥନ ପ୍ରତ୍ୟାହାର ଧମକ ଦେଲେ ୨୫ ବିଧାୟକ



ନୂଆଦିଲ୍ଲୀ,୨।୧୧: ଜମ୍ମୁ ଓ କଶ୍ମୀରରେ ଶାସନ ଗାଦିରେ ବସିଥିବା ନ୍ୟାସନାଲ କନଫରେନ୍ସରେ ଦେଖାଦେଇଛି ସଙ୍କଟ। ବିଦ୍ରୋହ ମୁଡକୁ ଚାଲିଯାଇଛନ୍ତି ଦଳର ୨୫ ଜଣ ବିଧାୟକ। ଦାବି ପୂରଣ ନହେଲେ ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେବେ ବୋଲି ଦେଇଛନ୍ତି ୧୪ ଦିନର ଅଲ୍ଟିମେଟମ। ଫଳରେ ଚାପରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ତାଙ୍କ ବାପା ତଥା ଦଳର ସଭାପତି ଫାରୁକ ଅବଦୁଲ୍ଲା। ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାରରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି ଏହି ୨୫ ବିଧାୟକ। ସମସ୍ତ ମନ୍ତ୍ରୀଙ୍କୁ ବାହାର କରି ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତାଙ୍କୁ ତୁରନ୍ତ ବାହାର କରିବାକୁ ସେମାନେ ଦାବି କରିଛନ୍ତି। ବିଦ୍ରୋହୀ ବିଧାୟକମାନେ ଦାବି କରିଛନ୍ତି ଯେ ନୂତନ ମନ୍ତ୍ରୀ ଚୟନ ବେଳେ ଦକ୍ଷତାକୁ ମାପକାଠି କରାଯାଉ ଓ ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ। ନୂଆ ମନ୍ତ୍ରୀ ଚୟନ କରିବା ପୂର୍ବରୁ ଦଳର ଶୀର୍ଷ ନେତୃତ୍ୱ ସମସ୍ତ ବିଧାୟକଙ୍କ ସହିତ ଆଲୋଚନା କରନ୍ତୁ। କୌଣସି ଏକ ନିର୍ଦ୍ଦିଷ୍ଟ ଗ୍ରୁପ୍ ମନ୍ତ୍ରୀ ଚୟନ କରନ୍ତୁ ନାହିଁ ବୋଲି ସେମାନେ ଦାବି କରିଛନ୍ତି। ବିଦ୍ରୋହୀ ବିଧାୟକମାନେ ଦଳର ବୈଚାରିକ ପ୍ରତିବଦ୍ଧତା ଏବଂ ଏହାର ନିର୍ବାଚନୀ ଇସ୍ତାହାର (ମ୍ୟାନିଫେଷ୍ଟୋ)କୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ସେମାନେ ଧାରା ୩୭୦, ଧାରା ୩୫-ଏ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଦୃଢ଼ ଦାବି କରିବା ସହ ଏହି ମୁଦ୍ଦାଗୁଡ଼ିକରେ କୌଣସି ପ୍ରକାରର ବୁଝାମଣାକୁ ବିରୋଧ କରିଛନ୍ତି। ସେମାନେ ଚାହୁଁଛନ୍ତି ଯେ ସରକାର ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନିକଟରେ ଏହି ଦାବିଗୁଡ଼ିକୁ ଦୃଢ଼ ଭାବରେ ଉପସ୍ଥାପନ କରନ୍ତୁ। ବିଦ୍ରୋହୀ ଗୋଷ୍ଠୀର ସୂତ୍ରରୁ ପ୍ରକାଶ ଯେ, ୧୪ ଦିନର ସମୟସୀମା ଶେଷ ହେବା ପୂର୍ବରୁ ଯଦି ଦଳୀୟ ନେତୃତ୍ୱ କୌଣସି ଠୋସ ପଦକ୍ଷେପ ନନିଅନ୍ତି, ତେବେ ସେମାନେ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେବେ। ଏହି ବିଦ୍ରୋହ ଏପରି ଏକ ସମୟରେ ଘଟିଛି ଯେତେବେଳେ ନ୍ୟାସନାଲ୍ କନ୍‌ଫରେନ୍ସର ନେତୃତ୍ୱ ପୂର୍ବରୁ ହିଁ ଶ୍ରୀନଗର ସାଂସଦ ଆଗା ସୟଦ ରୁହୁଲ୍ଲା ମେହଦୀଙ୍କ ଇସ୍ତଫା ଧମକକୁ ନେଇ ଚାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ରୁହୁଲ୍ଲା ଘୋଷଣା କରିଛନ୍ତି ଯେ ସେ ନଭେମ୍ବର ୩ ତାରିଖରେ ସେ ନ୍ୟାସନାଲ୍ କନ୍‌ଫରେନ୍ସରୁ ଏବଂ ତାଙ୍କ ଲୋକସଭା ଆସନରୁ ଇସ୍ତଫା ଦେବେ।

ମା-ସ୍ତ୍ରୀ ଓ ଦୁଇ ଶିଶୁଙ୍କୁ ହତ୍ୟା କରିବା ପରେ ନିଜେ ହାରିଲେ ଜୀବନ

ନୂଆଦିଲ୍ଲୀ,୨।୧୧: କେମିତି ହାତ ଗଲା ? ଯେଉଁ ମା' ଜନ୍ମ କରିଥିଲା ତାକୁ ମାରିଦେଲା । ଆଉ ନିଜ ଛୁଆଙ୍କ ମୁହଁକୁ ମଦ୍ୟ ଚାହିଁଲାନି । ଯାହାର ହାତ ଦରି ଜୀବନ ସାରା ରହିବା ପାଇଁ କଥା ଦେଇଥିଲା ଶେଷରେ ତାକୁ ମଧ୍ୟ ଜୀବନରୁ ଶେଷ କରିଦେଲା । ପରିବାରର ୪ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ନିଜେ ମଧ୍ୟ ଆତ୍ମହତ୍ୟା କରିଦେଲେ । ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରୁ ସାମ୍ନାକୁ ଆସିଛି ଏଭଳି ଏକ ଖବର । ଯାହା ଶୁଣିଲେ ଛାତି ଥରି ଉଠିବ । ଟ୍ରେନ ଲାଇନ ଆଗରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ମୃତଦେହ ଏବଂ ପରିବାର ଲୋକଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ତଦନ୍ତ ଆରମ୍ଭ କରିଛି ପୋଲିସ । ଯାହାକି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାଥମିକ ତଥ୍ୟ ଅନୁଯାୟୀ, ଭୋପାଳର ଛୋଲା ମନ୍ଦିର ଥାନା ଅନ୍ତର୍ଗତ ମାଳୀଖେଡ଼ି ଅଞ୍ଚଳରେ ଥିବା ଏକ ବହୁତଳ କୋଠାରୁ ପରିବାରର ୪ ଜଣ ସଦସ୍ୟଙ୍କ ରକ୍ତାକ୍ତ ଗଳାକଟା ଶବ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷରେ, ଘରର ମୁଖ୍ୟ ତଥା ଅଭିଯୁକ୍ତ ବୋଲି ସନ୍ଦେହ କରାଯାଉଥିବା ଯୁବକଙ୍କ ଶବ ସୁଖୀ ସେବନିଆ ଥାନା ଅଞ୍ଚଳର ଚୋପ୍ରା କଲାଁ ନିକଟ ଏକ ରେଳଧାରଣାରୁ ମିଳିଛି। ମୃତକ ଜଣକ ହେଲେ ନରେନ୍ଦ୍ର ସାହୁ । ସେ ତାଙ୍କ ମାଆ ସରସ୍ୱତୀ ସ୍ତ୍ରୀ ସୋମଲତା ପୁଅ ଝିଅଙ୍କ ଗଳାକାଟି ହତ୍ୟା କରିଥିବା କୁହାଯାଉଛି । ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଉଦ୍ଧାର କରାଯାଇଛି । କିନ୍ତୁ ଏଥିରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ତେବେ କୌଣସି ପାରିବାରିକ କଳହରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି ।

ମିସାଇଲ୍ ଭଳି ଆକାଶରୁ ଖସିଲା ବିମାନ, ୯ ମୃତ

ନୂଆଦିଲ୍ଲୀ,୨।୧୧: ଆମେରିକାର ଫ୍ଲୋରିଡାରେ ଘଟିଛି ଭୟଙ୍କର ବିମାନ ଦୁର୍ଘଟଣା। ଏକ ଘରୋଇ ଜେଟ୍ ଖସି ପଡ଼ିବାରୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ବେଳର ଏକାଧିକ ଭିଡିଓ ସାମ୍ନାକୁ ଆସିଛି। ବିମାନଟି ରାସ୍ତା କଡ଼ରେ ପଡ଼ିଥିଲା। ଜନବସତି ଓ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଠାରୁ ମାତ୍ର କିଛି ମିଟର ଦୂରରେ ବିମାନଟି କ୍ରାସ ହୋଇଥିଲା। ବିମାନଟି ଆକାଶରୁ ଖସି ତଳେ ପଡୁଥିବାର ଦୃଶ୍ୟକୁ ନିଜ ମୋବାଇଲ ଫୋନରେ ରେକର୍ଡ କରିଛନ୍ତି ସେହି ବାଟ ଦେଇ ଯାଉଥିବା ଲୋକମାନେ। ଭିଡିଓ ଗୁଡ଼ିକରେ ଦେଖିବାକୁ ମିଳିଛି ଯେ ବିମାନଟି ମିସାଇଲ ଭଳି ଆକାଶରୁ ଖସୁଛି। ତଳେ ପଡ଼ିବା ମାତ୍ରେ ଏହା ଏକ ବଡ଼ ନିଆଁ ପିଣ୍ଡୁଳାରେ ପରିଣତ ହୋଇଛି। ଯେଉଁ ଜାଗାରେ ବିମାନଟି ପଡ଼ିଥିଲା ସେଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବିମାନଟିରେ ପାଇଲଟଙ୍କୁ ମିଶାଇ ମୋଟ୍ ୯ ଜଣ ଥିବା ବେଳେ ସମସ୍ତଙ୍କର ମୃତ୍ୟୁ ଘଟିଛି। ତେବେ ତଳେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ଟେକ୍ସାସରୁ ବାହାମାସ୍ ଯାଉଥିବା ବେଳେ କେଉଁ କାରଣରୁ ବିମାନଟି ଖସି ପଡ଼ିଲା, ତାହା ସ୍ପଷ୍ଟ ହୋଇପାରିନାହିଁ। ବିମାନଟି ୩୫,୦୦,୦ ଫୁଟ (ଭୂଭାଗରୁ ୧୧ କିଲୋମିଟର) ଉଚ୍ଚତାରେ ଯାଉଥିବା ବେଳେ ଝଡବର୍ଷା ହୋଇଥିଲା। ପାଇଲଟ ଏସମ୍ପର୍କରେ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କୁ ଜଣାଇବା ସହିତ ଆହୁରି ୨,୦୦୦ ଫୁଟ (ପ୍ରାୟ ୬୧୦ ମିଟର) ଉପରକୁ ଉଠିବା ପାଇଁ ଅନୁମତି ମାଗିଥିଲେ। ଏହା ପରେ ପରେ ବିମାନଟି ପ୍ରାୟ ୧ ମିନିଟରେ ୧୦ ହଜାର ଫୁଟ୍ ତଳକୁ ଖସି ଆସିଥିଲା। ତା'ପରେ ପୁଣି ୧୦ ହଜାର ଫୁଟ୍ ତଳକୁ ଖସି ଆସିଥିଲା। ୩ ମିନିଟରେ ବିମାନଟି ତଳେ ଖସି ପଡ଼ିଲା ଓ ଧ୍ୱଂସ ହୋଇଗଲା।

ଇଣ୍ଡି ମେଣ୍ଟ ରାଲିକୁ ଦାୟୀ କଲା ବ୍ୟବସାୟୀ ସଂଘ

ଅଢ଼େଇ ଲକ୍ଷ ଦୋକାନ ବନ୍ଦ, ୧୦,୦୦୦ କୋଟି କ୍ଷତି



ନୂଆଦିଲ୍ଲୀ,୨।୧୧: ଦିଲ୍ଲୀର ରାମଲୀଳା ମୈଦାନରେ ରବିବାର ହୋଇଥିବା ଇଣ୍ଡି ମେଣ୍ଟ ରାଲି ଯୋଗୁଁ ଦୀପାବଳି ପୂର୍ବରୁ ଦିଲ୍ଲୀରେ ବ୍ୟବସାୟୀଙ୍କର ବଡ଼ଧରଣର କ୍ଷତି ହୋଇଥିବା ବ୍ୟବସାୟୀ ସଂଘ ବାଣିଜ୍ୟ ଓ ଶିଳ୍ପ ଚାମ୍ବର (ସିଟିଆଇ) ଦାବି କରିଛି। ସିଟିଆଇ ଦାବି ଅନୁଯାୟୀ, ରବିବାର ଦିଲ୍ଲୀରେ ୨୦ରୁ ୨୫ଟି ବଡ଼ ମାର୍କେଟରେ ପାଖାପାଖି ଅଢେଇ ଲକ୍ଷ ଦୋକାନ ବନ୍ଦ ରହିଥିଲା, ଯେଉଁଥିପାଇଁ ପ୍ରାୟ ୧୦,୦୦୦ରୁ ୧୧,୦୦୦ କୋଟି ଟଙ୍କାର କ୍ଷତି ହୋଇଥିବା ଦାବି କରାଯାଇଛି। ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି, ରାଲି ହୋଇଥିବା ଆଖପାଖ ଅଞ୍ଚଳରେ ପ୍ରାୟ ୩ ଲକ୍ଷ ଦୋକାନ ଥିବାବେଳେ ପାଖାପାଖି ୮୦% ଦୋକାନ ବନ୍ଦ ରହିଥିଲା। ଜାତୀୟ ରାଜଧାନୀର ଆଖପାଖ ସହରରୁ ଗ୍ରାହକ, ଯୋଗାଣକାରୀ ଓ ଡିଲରଙ୍କ ଗତିବିଧି ମଧ୍ୟ ର?ାଲି ଯୋଗୁ ପ୍ରଭାବିତ ହୋଇଥିଲା। ଗୋୟଲଙ୍କ ଅନୁଯାୟୀ, ବ୍ୟବସାୟ ପାଇଁ ନିୟମିତ ଭାବରେ ଦିଲ୍ଲୀ ଆସୁଥିବା ପ୍ରାୟ ତିନିରୁ ଚାରି ଲକ୍ଷ ଲୋକ ପହଞ୍ଚି ନଥିଲେ, ଟେମ୍ପୋ ଓ ଟ୍ରକ୍ ସମେତ ପ୍ରାୟ ୫୦୦୦ ଯାନ ପୁରୁଣା ଦିଲ୍ଲୀ ଓ କେନ୍ଦ୍ରୀୟ ଦିଲ୍ଲୀର ବଜାରକୁ ସାମଗ୍ରୀ ପରିବହନ କରିପାରି ନଥିଲେ। ଗୋୟଲ ଆହୁରି କହିଛନ୍ତି ଯେ, ବର୍ଷର ସବୁଠାରୁ ବ୍ୟସ୍ତବହୁଳ ସମୟରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା, ଯାହା ଫଳରେ ପାଇକାରୀ ଓ ଖୁଚୁରା ବ୍ୟବସାୟ ପ୍ରଭାବିତ ହୋଇଥିଲା। ବ୍ୟବସାୟୀଙ୍କର ହୋଇଥିବା କ୍ଷତିର ଭରଣା କିଏ କରିବ, ଆୟୋଜକ ଏହା ଭରଣା କରିବେ କି ବୋଲି ଗୋୟଲ ପ୍ରଶ୍ନ କରିଛନ୍ତି। ଆଗକୁ ଧନତେରସ୍ ଓ ଦୀପାବଳି ଥିବା ଯୋଗୁ ବ୍ୟବସାୟ ଗୁରୁତର ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି।


ମାନ୍ ସରକାରଙ୍କୁ ବଡ଼ ରାଜନୈତିକ ଝଟକା

ପଦ୍ମ ଧରିଲେ ଆପ୍‌ର ୩ ବିଧାୟକ

ପଞ୍ଜାବ,୨।୧୧: ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଭଗୱନ୍ତ ମାନ୍ ସରକାରଙ୍କୁ ବଡ଼ ରାଜନୈତିକ ଝଟକା । ପଞ୍ଜାବ ଆମ୍ ଆଦମୀ ପାର୍ଟିର ୩ ବିଧାୟକ ପଦ୍ମ ଧରିଲେ । ପଞ୍ଜାବରେ ଆଉ କିଛି ବାକି ନାହିଁ ବୋଲି କହିଛନ୍ତି ବିଦ୍ରୋହୀ । ବିଜେପିରେ ସାମିଲ ହେବା ପରେ ମାନ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ନୂଆଦିଲ୍ଲୀରେ ତିନିଜଣ ବିଦ୍ରୋହୀ ବିଧାୟକ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ତିନି ବିଧାୟକ ହେଲେ ହରମିତ ସିଂ ପଠାନମାଜରା, ଚେତନ ସିଂ ଜୋରାମାଜରା ଓ କୁନ୍‌ୱାର ବିଜୟ ପ୍ରତାପ ସିଂ । ଆସନ୍ତା ରାଜ୍ୟ ନିର୍ବାଚନ ପାଇଁ ଆପ୍ ପକ୍ଷରୁ ୪୦ ଜଣିଆ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ଘୋଷଣା ହେବା ପରେ ଦଳ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା । ଏହି ତାଲିକାରେ କେତେକ ବର୍ତ୍ତମାନର ବିଧାୟକଙ୍କୁ ଟିକେଟ୍ ମିଳି ନଥିଲା । ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହେବା ପରେ ବିଦ୍ରୋହୀ ନେତାମାନେ ଆପ୍ ନେତୃତ୍ୱ ଉପରେ ସିଧାସଳଖ ଆକ୍ରମଣ କରିଥିଲେ । ବର୍ତ୍ତମାନର ପ୍ରଶାସନ ଅଧୀନରେ "ପଞ୍ଜାବରେ ଆଉ ପଞ୍ଜାବୀ ସଂସ୍କୃତି ପରମ୍ପରା ବାକି ନାହିଁ ବୋଲି କହିଛନ୍ତି ଏମାନେ । ରାଜ୍ୟ ସରକାରଙ୍କ ଶାସନ ଶୈଳୀକୁ କଡ଼ା ସମାଲୋଚନା କରିଛନ୍ତି । ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବିଗିଡ଼ିବାରେ ଲାଗିଥିବା ଏବଂ ବ୍ୟାପକ ଭାବେ ବଢୁଥିବା ନିଶା କାରବାରକୁ ରୋକିବାରେ ମାନ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ତିନି ବିଦ୍ରୋହୀ ବିଧାୟକ ଅଭିଯୋଗ କରିଛନ୍ତି । ଗତ କିଛି ମାସ ମଧ୍ୟରେ ପଞ୍ଜାବ ଆପ୍ ୟୁନିଟ୍ ରୁ କେତେକ ପ୍ରମୁଖ ନେତା ଦଳ ଛାଡ଼ିବା ପରେ ଏହି ନୂଆ ଘଟଣା ସାମ୍ନାକୁ ଆସିଛି । ଅନ୍ୟପଟେ ବିରୋଧୀ ଦଳ ନିର୍ବାଚିତ ସରକାରଙ୍କୁ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଆପ୍ ଅଭିଯୋଗ କରିଛି ।

ସ୍ୱାଭାବିକ ହେଲା ହର୍ମୁଜ ପ୍ରଣାଳୀ

ମଧ୍ୟପ୍ରାଚ୍ୟ ଓ ରୁଷ ତେଲ କିଣା ବୃଦ୍ଧି



ନୂଆଦିଲ୍ଲୀ,୨।୧୧: ଅକ୍ଟୋବର ମାସରେ ଦେଶର ଦୈନିକ ତେଲ ଆମଦାନି ରେକର୍ଡ ୫.୬ ନିୟୁତ ବ୍ୟାରେଲ ଛୁଇଁଛି । ଘରୋଇ ବଜାରର ତୈଳ ବିଶୋଧନାଗାର ଗୁଡିକ ପୁଣି ଥରେ ମଧ୍ୟପ୍ରାଚ୍ୟ ଏବଂ ରୁଷ ତେଲ କିଣା ବୃଦ୍ଧି କରିଛନ୍ତି । ହର୍ମୁଜ ପ୍ରଣାଳୀ ସ୍ୱାଭାବିକ ହେଉଥିବାରୁ ମଧ୍ୟପ୍ରାଚ୍ୟରୁ ତେଲ କିଣା ବୃଦ୍ଧି ହୋଇଛି । ଅନ୍ୟପଟେ ରୁଷରୁ ତେଲ ଆଣିବା ଲାଗି ଭଡା ଅଧିକ ଲାଗୁଛି । ଫଳରେ ଆଗାମୀ ଦିନରେ ସେଠାରୁ ଅଶୋଧିତ ତେଲ କ୍ରୟରେ ହ୍ରାସ ଘଟିପାରେ ବୋଲି ଏନର୍ଜି ଇଣ୍ଟେଲିଜେନ୍ସ ଫାର୍ମ କେପ୍ ଲର କହିଛି ।

ମଧ୍ୟପ୍ରାଚ୍ୟରୁ ଦୈନିକ ତେଲ କ୍ରୟ ୨.୩ ନିୟୁତ ବ୍ୟାରେଲ ଥିବା ବେଳେ ରୁଷରୁ ଦୈନିକ ୨ ନିୟୁତ ବ୍ୟାରେଲ ତେଲ ଆସୁଥିବା କେପଲର୍ର ପ୍ରମୁଖ ଆନାଲିଷ୍ଟ ନିଖିଲ ଦୁବେ କହିଛନ୍ତି । ବିଶ୍ୱ ତେଲ କାରବାରରେ ଷ୍ଟ୍ରେଟ ଅଫ୍ ହର୍ମୁଜ ଏକ ପ୍ରମୁଖ ସ୍ଥାନରେ ଥିବା ବେଳେ ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ଗୋଟିଏ ଜାହାଜରୁ ଅନ୍ୟ ଏକ ଜାହାଜକୁ ତେଲ ସ୍ଥାନାନ୍ତର ଭଳି ପ୍ରକ୍ରିୟା ଦ୍ୱାରା ଯୋଗାଣରେ ଉନ୍ନତି ଆସିଛି। ଗଲ୍ଫ ତେଲ ଉତ୍ପାଦନକାରୀମାନେ ପ୍ରତିଯୋଗିତାମୂଳକ ଦରରେ ତେଲ ଯୋଗାଉଛନ୍ତି । ଫଳରେ ଭାରତର ମୋଟ ତେଲ କ୍ରୟରେ ଏହି ସ୍ଥାନର ଯୋଗଦାନ ବଢ଼ିଛି। ଆଗାମୀ ଦିନ ଗୁଡ଼ିକରେ ମଧ୍ୟ ଏସବୁ ସ୍ଥାନଗୁଡ଼ିକରୁ ଭାରତକୁ ଅଧିକ ତେଲ ଆସିବ ବୋଲି ଅନୁମାନ କରାଯାଉଛି । ଶ୍ରୀ ଦୁବେ ପୁଣି କହିଛନ୍ତି, କୃଷ୍ଣ ସାଗରରେ ଭଡ଼ା ବୃଦ୍ଧି ଯୋଗୁ ନଭେମ୍ବର ଏବଂ ଡିସେମ୍ବର ମାସରେ ଭାରତର ରୁଷ ତେଲ କିଣା ପ୍ରଭାବିତ ହୋଇପାରେ । ଫଳରେ ରୁଷ ତେଲ ଏତେଟା ଆକର୍ଷକ ହୋଇ ନ ପାରେ । ତେବେ ଷ୍ଟ୍ରେଟ ଅଫ୍ ହର୍ମୁଜରେ ସ୍ଥିତି ଆଗକୁ କିଭଳି ରହୁଛି ତାହା ମଧ୍ୟ ଦୀର୍ଘ ମିଆଦୀ ତେଲ ଆମଦାନି ଉପରେ ପ୍ରଭାବ ପକାଇପାରେ । ସ୍ଥିତି ପୁଣି ବିଗିଡିଲେ ଉଚ୍ଚ ଭଡା ସତ୍ତ୍ୱେ ମଧ୍ୟ ଭାରତୀୟ ତୈଳ ବିଶୋଧନାଗାର ଗୁଡିକ ରୁଷ ତେଲ କିଣା ପ୍ରତି ଆଗଭର ହେବେ । ଆମେରିକା ବର୍ତ୍ତମାନ ରୁଷ ତେଲ କିଣା ନେଇ କଟକଣା କୋହଳ କରିଛି । ଫଳରେ ଭାରତୀୟ ବିଶୋଧନାଗାର ଗୁଡ଼ିକ ରୁଷ ତେଲ କିଣୁଛନ୍ତି । ଦେଶ ଏହାର ମୋଟ ତେଲ ଚାହିଦାର ୯୦% ଆମଦାନି ଜରିଆରେ ପୂରଣ କରୁଛି । ଫଳରେ ରିହାତିରେ କୌଣସି ସ୍ଥାନରେ ତେଲ ମିଳିଲେ ଅଗ୍ରାଧିକାର ଭିତ୍ତିରେ ଦେଶ ତେଲ କିଣୁଛି ।

ନେତନ୍ୟାହୁଙ୍କ ସହ କଥା ହେବା ପରେ ଟ୍ରମ୍ପଙ୍କ ଧମକ

'ଇରାନ୍‌ର କିଛି ସ୍ଥାନ ଧ୍ୱଂସ କରିବା ବାକି ଅଛି'

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ଫୋନ୍‌ରେ ଶନିବାର କଥା ହୋଇଛନ୍ତି । ରବିବାର ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ୍ ଇରାନ ଉପରେ ଆକ୍ରମଣ କରିବା କଥା ଦୋହରାଇଛନ୍ତି । ସେ କହିଛନ୍ତି, ଇରାନର ପରମାଣୁ କାର୍ଯ୍ୟକ୍ରମ ସହ ଜଡ଼ିତ ଆଉ ଗୋଟିଏ ଦୁଇଟି ସ୍ଥାନରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିବା ବାକି ଅଛି । ଏ ନେଇ ଆମେରିକା ଯୋଜନା ପ୍ରସ୍ତୁତ କରିଛି । ଆମେରିକା ଚାହିଁଲେ ୧୦ ମିନିଟ୍‌ରେ ସେହି ଠିକଣାଗୁଡ଼ିକୁ ଉଡ଼ାଇ ଦେଇପାରିବ ବୋଲି ଟ୍ରମ୍ପ୍ କହିଛନ୍ତି । ଆମେରିକୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଆମେରିକାରେ ମଧ୍ୟବର୍ତ୍ତୀ ନିର୍ବାଚନ ନଭେମ୍ବର ୩ରେ ହେବାକୁ ଥିବାବେଳେ ଏହା ପରଦିନ ଅର୍ଥାତ ନଭେମ୍ବର ୪ରେ ଇରାନ ଉପରେ ଆକ୍ରମଣ ହୋଇପାରେ । ଗତ କିଛି ସପ୍ତାହରେ ଆମେରିକା ପଶ୍ଚିମ ଏସିଆରେ ପ୍ରତିରକ୍ଷା ବ୍ୟବସ୍ଥା, ଗୋଳା ବାରୁଦ ଏବଂ ସୈନ ଉପକରଣର ମୁତୟନ ବଢ଼ାଇଛି । ଏଥିସହ ଇରାନ ଆକ୍ରମଣ କଲା ଭଳି ସ୍ଥାନକୁ ଆମେରିକା ନିଜ ସୈନ୍ୟ ଏବଂ ସାମରିକ ଉପକରଣ ସ୍ଥାନାନ୍ତର କରିବା କାମ ବି ଜାରି ରଖିଛି । ଗତ ସପ୍ତାହରେ ଆମେରିକାର ୧୦ ସୈନ୍ୟ ପରିବହନ ବିମାନ ଇସ୍ରାଏଲରେ ପହଞ୍ଚିଥିଲା । ଏଥିସହ ଉପସାଗରୀୟ ଦେଶଗୁଡ଼ିକୁ ଇରାନ ଉପରେ ଆକ୍ରମଣ ଲାଗି ପ୍ରସ୍ତୁତ ରହିବା ଲାଗି ମଧ୍ୟ କୁହାଯାଇଛି ।

ଭ୍ୟାନ୍-ଟ୍ରେଲର୍ ମୁହାଁମୁହିଁ ଧକ୍କାରେ ୬ ମୃତ

ଉତ୍ତରପ୍ରଦେଶ,୨।୧୧: ୟୁପିର କୁଶୀନଗରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭ୍ୟାନ୍-ଟ୍ରେଲର୍ ମୁହାଁମୁହିଁ ଧକ୍କାରେ ୬ ମୃତ । ଏକ ମାରୁତି ଇକୋ ଭ୍ୟାନ୍ ଏବଂ ଭାରୀ ଟ୍ରେଲର୍ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଜୋରଦାର ଧକ୍କା ହେବା ଫଳରେ ୬ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ଏହାସହ ଜଣେ ଗୁରୁତର ଭାବେ ଆହତ ହୋଇଛି । ଦୁର୍ଘଟଣାଟି କୁଶୀନଗର ଜିଲ୍ଲାର ହାଟା କୋତୱାଲୀ ଅନ୍ତର୍ଗତ ହାଟା– ପିପରାଇଚ୍ ମାର୍ଗର ଥରୁଆଡିହ ନିକଟ ଏକ ପେଟ୍ରୋଲ ପମ୍ପ ପାଖରେ ଘଟିଛି । ସମସ୍ତ ଯାତ୍ରୀ କୁଶୀନଗରର ଭଲୁହୀ ଗ୍ରାମର ବାସିନ୍ଦା । ସେମାନେ ଦେବରାଜ ପିପରା ଗ୍ରାମରେ ଏକ ସମ୍ପର୍କୀୟଙ୍କ ଘରେ ଆୟୋଜିତ ତିଳକ ଉତ୍ସବରେ ସାମିଲ ହୋଇ ଭ୍ୟାନ୍ ଯୋଗେ ନିଜ ଗାଁକୁ ଫେରୁଥିଲେ । ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଅନିୟନ୍ତ୍ରିତ ଟ୍ରେଲର୍ ସହ ଭ୍ୟାନଟିର ମୁହାଁମୁହିଁ ଧକ୍କା ହୋଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଭ୍ୟାନର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା । ଭ୍ୟାନରେ ଥିବା ଲୋକଙ୍କ ମଧ୍ୟରୁ ୬ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲେ । ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇବା ପରେ ଟ୍ରେଲର୍ ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ଗୋଟିଏ ଗାଁର ୬ ଜଣଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭଲୁହୀ ଗ୍ରାମରେ ଗଭୀର ଶୋକର ଛାୟା ଖେଳିଯାଇଛି । ଖୁସିର ମାହୋଲ କିଛି କ୍ଷଣ ମଧ୍ୟରେ ଦୁଃଖରେ ପରିଣତ ହୋଇଯାଇଛି ।

ଏସିଆ କପ ପାଇଁ ଟିମ ଇଣ୍ଡିଆ ଘୋଷଣା

ତିଳକ ଅଧିନାୟକ; ବୈଭବଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୨।୧୧: ୨୦୨୬ ପୁରୁଷ ରାଇଜିଂ ଷ୍ଟାର୍ସ ଏସିଆ କପ ପାଇଁ ଇଣ୍ଡିଆ-ଏ ଦଳ ଘୋଷଣା କରିଛି ବିସିସିଆଇ। ତିଳକ ବର୍ମାଙ୍କୁ ଦଳର ଅଧିନାୟକ ଏବଂ ରଜତ ପାଟିଦାରଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ନଭେମ୍ବର ୧୯ରୁ ୨୯ ତାରିଖ ପର୍ଯ୍ୟନ୍ତ କାତାରର ଦୋହାରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଇଣ୍ଡିଆ-ଏ ଦଳରେ ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସ୍ଥାନ ମିଳିଛି।



ଟୁର୍ନାମେଣ୍ଟରେ ଭାରତ-ଏକୁ ଗ୍ରୁପ-ବିରେ ସ୍ଥାନ ମିଳିଛି। ଏହି ଗ୍ରୁପରେ ୟୁଏଇ, ନେପାଳ ଏବଂ ପାକିସ୍ତାନ-ଏ ମଧ୍ୟ ରହିଛନ୍ତି। ସେହିପରି ଗ୍ରୁପ-ଏରେ ବାଂଲାଦେଶ-ଏ, ଶ୍ରୀଲଙ୍କା-ଏ, ଆଫଗାନିସ୍ତାନ-ଏ ଏବଂ ହଂକଂ, ଚାଇନାକୁ ସ୍ଥାନ ଦିଆଯାଇଛି। ପ୍ରତ୍ୟେକ ଗ୍ରୁପରେ ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୬ ଓ ୨୭ ତାରିଖରେ ଦୁଇଟି ସେମିଫାଇନାଲ ମ୍ୟାଚ ଖେଳାଯିବ। ଏହାପରେ ରବିବାର, ନଭେମ୍ବର ୨୯ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।ରାଇଜିଂ ଷ୍ଟାର୍ସ ଏସିଆ କପରେ ନଭେମ୍ବର ୨୨ରେ ଭାରତ-ଏ ଓ ପାକିସ୍ତାନ-ଏ ମଧ୍ୟରେ ମୁକାବିଲା ହେବ। ଭାରତୀୟ ଦଳ ନଭେମ୍ବର ୨୦ରେ ନେପାଳ ବିପକ୍ଷରେ ଖେଳିବ। ଏହାପରେ ନଭେମ୍ବର ୨୨ରେ ପାକିସ୍ତାନ-ଏକୁ ଭେଟିବ ଇଣ୍ଡିଆ-ଏ। ଏହି ଦୁଇଟି ମ୍ୟାଚ ଓ୍ୱେଷ୍ଟ ଏଣ୍ଡ ପାର୍କ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ଏହାପରେ ନଭେମ୍ବର ୨୪ରେ ଇଣ୍ଡିଆ-ଏ ଓ ୟୁଏଇ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ଦୋହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଖେଳାଯିବ।

ଭାରତୀୟ ଦଳ: ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମରନ ସିଂହ (ଉଇକେଟ୍ କିପର୍), ତିଳକ ବର୍ମା (ଅଧିନାୟକ), ରଜତ ପାଟିଦାର (ଉପଅଧିନାୟକ), ରିଙ୍କୁ ସିଂହ, କୁମାର କୁଶାଗ୍ର (ଉଇକେଟ୍ କିପର୍), ସୂର୍ଯ୍ୟାଂଶ ସେଡ୍‌ଗେ, ଶାହବାଜ ଅହମ୍ମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିଆନ, ହର୍ଷିତ ରାଣା, ପ୍ରିନ୍ସ ଯାଦବ ଏବଂ ଅର୍ଶଦ ଖାନ।

ନ୍ୟୁଜିଲାଣ୍ଡ ଦିନିକିଆ ଦଳରୁ ଦୁଇ ଖେଳାଳି ବାଦ୍

ନୂଆଦିଲ୍ଲୀ, ୨।୧୧: ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବା ପୂର୍ବରୁ ନ୍ୟୁଜିଲାଣ୍ଡକୁ ଲାଗିଛି ଦୁଇଟି ବଡ଼ ଝଟ୍‌କା। ଦଳର ଷ୍ଟାର ବ୍ୟାଟର୍ ମାର୍କ ଚାପମ୍ୟାନ ଏବଂ ସ୍ପିନ ଅଲରାଉଣ୍ଡର୍ ରଚିନ ରବୀନ୍ଦ୍ର ୫ଟି ଯାକ ଦିନିକିଆ ମ୍ୟାଚରୁ ବାଦ ପଡ଼ିଛନ୍ତି। ଦୀର୍ଘଦିନ ଧରି ଉଭୟ ଖେଳାଳି ଆହତ ସମସ୍ୟାରେ ରହିଥିବାରୁ ଟି-୨୦ ସିରିଜରେ ମଧ୍ୟ ଖେଳିପାରି ନଥିଲେ।

ଦିନିକିଆ ସିରିଜ ପୂର୍ବରୁ ଉଭୟ ଖେଳାଳି ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଥିଲା। ସେଥିପାଇଁ ସେମାନଙ୍କୁ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ସୋମବାର ଉଭୟଙ୍କୁ ସିରିଜରୁ ବାଦ ଦିଆଯିବା ସହ ସେମାନଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି।

ମାର୍କ ଚାପମ୍ୟାନ ହାମଷ୍ଟ୍ରିଙ୍ଗ (ଜଙ୍ଘର ମାଂସପେଶୀରେ ଟାଣ) ଆଘାତରୁ ସୁସ୍ଥ ହେଉଥିବା ବେଳେ ରଚିନ ରବୀନ୍ଦ୍ର ଏବେ ବି କାନ୍ଧ ଆଘାତରୁ ମୁକୁଳି ପାରିନାହାନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ସମ୍ପ୍ରତି କରାଯାଇଥିବା ଏମଆରଆଇ ରିପୋର୍ଟରୁ ଜଣାପଡ଼ିଛି ଯେ, ଚାପମ୍ୟାନଙ୍କୁ ବାମ ଜଙ୍ଘର ମାଂସପେଶୀ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଆହୁରି ଦୁଇ ସପ୍ତାହ ସମୟ ଲାଗିବ। ସେହିପରି ଡାହାଣ କାନ୍ଧରେ ଆଘାତ ଯୋଗୁଁ ରଚିନ ରବୀନ୍ଦ୍ର ଏବେ ବି ପୂର୍ଣ୍ଣ କ୍ଷମତାରେ ଫିଲ୍ଡିଂ କରିପାରୁନାହାନ୍ତି। ଚାପମ୍ୟାନ ଓ ରଚିନ ରବୀନ୍ଦ୍ର ବାଦ ପଡ଼ିବା ପରେ ଟିମ ସିଫର୍ଟ ପୂରା ସିରିଜ ପାଇଁ ଦଳରେ ରହିବେ। ଅନ୍ୟପଟେ ହେନେରୀ ନିକୋଲ୍ସ ପ୍ରଥମ ତିନୋଟି ମ୍ୟାଚ ଖେଳିବେ। ଚତୁର୍ଥ ଓ ପଞ୍ଚମ ଦିନିକିଆ ପାଇଁ ଡିନ ଫକ୍ସକ୍ରଫ୍ଟଙ୍କୁ ଦଳରେ ସାମିଲ କରାଯାଇଛି। ଉଭୟ ଖେଳାଳି ବାଦ ପଡ଼ିବା ନ୍ୟୁଜିଲାଣ୍ଡ ପାଇଁ ନିରାଶାଜନକ ବୋଲି ଦଳର ମୁଖ୍ୟ କୋଚ ରବ ଓ୍ୱାଲ୍ଟର କହିଛନ୍ତି।

ଅକ୍‌ଲାଣ୍ଡରେ କୋହଲି-ରୋହିତଙ୍କ ଅଭ୍ୟାସ



ଅକ୍‌ଲାଣ୍ଡ ୨।୧୧::ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପୂର୍ବରୁ ଅକ୍‌ଲାଣ୍ଡର ଇଡେନ୍ ପାର୍କରେ ଭାରତର ଦୁଇ ଅଭଙ୍ଗ ବ୍ୟାଟର୍ ବିରାଟ କୋହଲି ଓ ରୋହିତ ଶର୍ମା ଜୋରଦାର ଅଭ୍ୟାସ କରିଛନ୍ତି। ଦ୍ୱିତୀୟ ନେଟ୍ସ ଅଧିବେଶନରେ ଉଭୟ ଅନେକ ସମୟ ବ୍ୟାଟିଂ କରିଥିଲେ। କୋହଲି ପ୍ରଥମେ ଥ୍ରୋଡାଉନ୍‌ରେ ଖେଳିବା ପରେ ଦ୍ରୁତ ବୋଲର ଆକ୍ୱିବ ନବି, ଗୁରନୂର ବ୍ରାର ଓ ଅଂଶୁଲ କମ୍ବୋଜଙ୍କ ବୋଲିଂର ସାମ୍ନା କରିଥିଲେ।

କୋହଲିଙ୍କୁ କମ୍ବୋଜ ଓ ନବି ଉଭୟ ପଟୁ ସୁଇଂ ବୋଲିଂ କରୁଥିଲା ବେଳେ ବ୍ରାର୍ ଲେନ୍ଥରେ ବୋଲିଂ କରିଥିଲେ। କୋହଲି କଭର୍ ଡ୍ରାଇଭ୍ ଖେଳି ନିଜ ଆତ୍ମବିଶ୍ୱାସ ବଢ଼ାଉଥିଲେ। କିଛି ଡ୍ରାଇଭ୍ ମିସ୍ ହେବା ସତ୍ତ୍ୱେ କୋହଲି ଆକ୍ରମଣାତ୍ମକ ମନୋଭାବ ଛାଡ଼ି ନ ଥିଲେ। ମିଡ୍‌ୱିକେଟ୍‌ରେ ଫ୍ଲିକ୍ ଖେଳିବାକୁ ମଧ୍ୟ ସେ ଚେଷ୍ଟା କରିଥିଲେ। ତେବେ ରୋହିତ ଅଫ୍‌ଷ୍ଟମ୍ପ ବାହାର ବଲ୍‌କୁ ଛାଡ଼ି ଦେଉଥିଲେ। ପ୍ୟାଡ୍‌ରେ ଆସୁଥିବା ବଲ୍‌କୁ ସହଜରେ ଖେଳିଥିଲେ। ହେଲେ ନବିଙ୍କ ଇନ୍‌ସୁଇଂ ବଲ୍‌କୁ ଉଭୟ ଖେଳିବାରେ ଅସୁବିଧାରେ ପଡ଼ିଥିଲେ। ପ୍ରଥମ ୩ ଦିନିକିଆ ଲାଗି ଦଳରେ ଥିବା ୨୯ ବର୍ଷୀୟ ନବି ନେଟ୍ସରେ ପୂରା ୧ ଘଣ୍ଟା ଭଲ ଲୟରେ ବୋଲିଂ କରିଥିଲେ। ଏହି ଅଭ୍ୟାସ ଅଧିବେଶନ ଅଧିନାୟକ ଶୁବମନ ଗିଲ୍ ଅନୁପସ୍ଥିତ ଥିଲେ। ସେ ଜିମ୍‌ରେ ସମୟ କାଟିଥିଲେ। ହେଲେ କେଏଲ୍ ରାହୁଲ ଓ ଋତୁରାଜ ଗାଏକ୍ୱାଡ ଅଭ୍ୟାସକୁ ଓହ୍ଲାଇଥିଲେ। ଦଳର ବୋଲିଂ ପ୍ରଶିକ୍ଷକ ସାଇରାଜ ବାହୁତୁଲେ, ଫିଲ୍ଡିଂ ପ୍ରଶିକ୍ଷକ ଶୁଭଦୀପ ଘୋଷ, ଦୟାନନ୍ଦ ଗରାଣୀ ଓ ନୁଓ୍ୱାନ ସେନେଭିରତ୍ନେ ଉପସ୍ଥିତ ଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ବୁଧବାରଠୁ ଆରମ୍ଭ ହେବ।

ଦିନିକିଆ ମାନ୍ୟତା ଶୀର୍ଷରେ ଭାରତ



ଦୁବାଇ, ୨।୧୧:: ଆଇସିସି ଦିନିକିଆ ମାନ୍ୟତାରେ ଭାରତ ପ୍ରଥମ ସ୍ଥାନ ବଜାୟ ରଖିଛି। ଭାରତ ୧୧୫ ରେଟିଂ ସହ ଶୀର୍ଷରେ ରହିଛି। ଭାରତ ଜୁନ ମାସରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାକୁ ୩-୦ରେ ଜିତିଥିବାବେଳେ ଜୁଲାଇରେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୧-୨ରେ ପରାସ୍ତ ହୋଇଥିଲା। ନିକଟରେ ହୋଇଥିବା ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାରେ ଭାରତ ୨-୧ରେ ବିଜୟୀ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଜାନୁଆରିରେ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଶୃଙ୍ଖଳାକୁ ଭାରତ ୧-୨ରେ ହାରିଯାଇଥିଲା। ବୁଧବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେଉଥିବାରୁ ତାହାକୁ ଜିତି ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଉଦ୍ୟମ କରିବ ଭାରତୀୟ ଦଳ।ସୋମବାର ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ତୃତୀୟ, ପାକିସ୍ତାନ ଚତୁର୍ଥ ଏବଂ ଅଷ୍ଟ୍ରେଲିଆ ପଞ୍ଚମ ସ୍ଥାନରେ ରହିଛି।

ଆଫଗାନିସ୍ତାନକୁ ସର୍ବକାଳୀନ ଶ୍ରେଷ୍ଠ ସ୍ଥାନ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଫଗାନିସ୍ତାନ ଷଷ୍ଠ ସ୍ଥାନରେ ରହି ନିଜର ସର୍ବକାଳୀନ ଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଆୟର୍ଲାଣ୍ଡ ବିପକ୍ଷରେ ୪-୦ରେ ଦିନିକିଆ ସିରିଜ୍ ବିଜୟ ଏବଂ ଜିମ୍ବାୱେ ଓ ବାଂଲାଦେଶକୁ ନେଇ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଅପରାଜିତ ରହିବା ଆଫଗାନିସ୍ତାନର ଏହି ଉନ୍ନତିର ପ୍ରମୁଖ କାରଣ।

ଜିମ୍ବାୱେକୁ ହରାଇଲା ଆଫଗାନିସ୍ତାନ

ନୂଆଦିଲ୍ଲୀ ୨।୧୧:: ନୁର ଅହମ୍ମଦଙ୍କ ଶକ୍ତିଶାଳୀ ବୋଲିଂ ଯୋଗୁଁ ଆଫଗାନିସ୍ତାନ ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍‌ରେ ଜିମ୍ବାୱେକୁ ସାତ ୱିକେଟରେ ପରାସ୍ତ କରିଛି। ଜିମ୍ବାୱେକୁ ୭୯ ରନ୍‌ରେ ଆଉଟ କରିବାରେ ନୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଫଗାନିସ୍ତାନ ୮.୧ ଓଭରରେ ତିନି ୱିକେଟ ହରାଇ ଲକ୍ଷ୍ୟକୁ ପିଛା କରିବାରେ ସାହାଯ୍ୟ କରିଥିଲେ।



ଆଫଗାନିସ୍ତାନ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୩-୦ରେ ଜିତିଛି। ସାରଜା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନୁର ୩.୩ ଓଭରରେ ୧୩ ରନ୍ ଦେଇ ପାଞ୍ଚ ୱିକେଟ୍ ନେଇଥିଲେ। ଏଥିସହିତ ନୁର ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।୮୦ ରନର ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ପ୍ରଥମ ଓଭରରୁ ହିଁ ସେମାନଙ୍କର ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲା। ମହମ୍ମଦ ଆକ୍ରମ ଏହି ଓଭରରେ ୧୪ ରନ କରିଥିଲେ ଏବଂ ଚତୁର୍ଥ ବଲରେ ଆଉଟ ହୋଇଥିଲେ। ସେ ତିନୋଟି ଚମତ୍କାର ଚୌକା ମାରିଥିଲେ। ଆଶୀର୍ବାଦ ମୁଜାରାବାନି ତାଙ୍କର ୱିକେଟ୍ ନେଇଥିଲେ। ତାଙ୍କ ପଛକୁ ଆସିଥିବା ସେଦିକୁଲ୍ଲାହ ଅଟଲ ପଞ୍ଚମ ଓଭରର ଚତୁର୍ଥ ବଲରେ ଆଉଟ ହୋଇଥିଲେ। ସେ ୧୭ ବଲ୍‌ରୁ ୨୫ ରନ୍ କରିଥିଲେ, ଯେଉଁଥିରେ ୪ଟି ଚୌକା ଥିଲା। ସେହି ଓଭରର ଶେଷ ବଲ୍‌ରେ ନୁର ଉଲ୍ ରେହମାନ ଆଉଟ୍ ହୋଇଥିଲେ। ଅଧିନାୟକ ଇବ୍ରାହିମ୍ ଜାଦ୍ରାନ୍ ଏବଂ ଆଜମାତୁଲ୍ଲା ଓମାରଜାଇ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଜାଦ୍ରାନ୍ ୧୭ ବଲ୍‌ରୁ ୨୫ ରନ୍ କରିଥିଲେ, ଯେଉଁଥିରେ ୪ଟି ଚୌକା ଥିଲା। ଓମାରଜାଇ ୧୮ ରନ୍ କରିଥିଲେ।

ବ୍ୟାଟିଂ ସମୟରେ ଜିମ୍ବାୱେର ଖେଳାଳିମାନେ ନୁରଙ୍କ ସ୍ପିନ୍ ସହ୍ୟ କରିପାରି ନଥିଲେ। କେବଳ ଦୁଇଜଣ ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁପାରିଥିଲେ। ରିଆନ୍ ବର୍ଲ ସର୍ବାଧିକ ୩୦ ରନ୍ କରିଥିଲେ। ୱେସ୍ଲି ମାଧେଭେରେ ୧୦ ରନ୍ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ଉତ୍ସାହଜନକ ପ୍ରଦର୍ଶନ କରିପାରି ନଥିଲେ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା କମିଟିରେ ଦ୍ରାବିଡ଼, ସାଇନା

ନୂଆଦିଲ୍ଲୀ, ୨।୧୧: ଅହମଦାବାଦରେ ୨୦୩୦ ମସିହା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ପ୍ରସ୍ତାବିତ କମିଟିରେ ସ୍ଥାନ ପାଇଛନ୍ତି ଭାରତର ପୂର୍ବତନ କ୍ରିକେଟ୍ ଅଧିନାୟକ ରାହୁଲ ଦ୍ରାବିଡ଼ ଓ ଅଲିମ୍ପିକ୍ସ ପଦକ ବିଜୟିନୀ ବ୍ୟାଡମିଣ୍ଟନ୍ ତାରକା ସାଇନା ନେହୱାଲ। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଉଭୟଙ୍କୁ କ୍ରୀଡ଼ାବିତ୍ ପ୍ରତିନିଧି ଭାବେ ମନୋନୀତ କରାଯାଇଛି।



ଆୟୋଜନ କମିଟିର ଅଧ୍ୟକ୍ଷ ଭାବେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ତଥା କ୍ରୀଡ଼ାମନ୍ତ୍ରୀ ହର୍ଷ ସାଂଘଭୀ ଦାୟିତ୍ୱ ନେବାର ସମ୍ଭାବନା ରହିଛି। ଏଥିରେ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ), ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ମଧ୍ୟ ସାମିଲ ହେବେ। ଘରୋଇ କ୍ଷେତ୍ରରୁ ଜିନାଲ ମେହେଟା ଓ ଅନନ୍ୟା ବିର୍ଲାଙ୍କ ନାମ ସୁପାରିସ୍ କରାଯାଇଛି। ମେହେଟା ଗୁଜରାଟ ଟାଇଟନ୍ସର ଅଧ୍ୟକ୍ଷ ଥିବାବେଳେ ଅନନ୍ୟା ବିର୍ଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକାନା ମଣ୍ଡଳି ସହ ଜଡ଼ିତ।୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ସାଇନା ଅବସର ପରେ ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ଦ୍ରାବିଡ଼ ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଭାବେ ୨୦୨୪ରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ପ୍ରସ୍ତାବିତ ଆୟୋଜନ କମିଟିରେ ମୋଟ ୧୨ରୁ ୧୫ ଜଣ ସଦସ୍ୟ ରହିବେ। ଏହା ଏକ ଅଣଲାଭକାରୀ କମ୍ପାନି ଭାବେ ଗଠନ ହେବ। ଅହମଦାବାଦ କ୍ରୀଡ଼ା ଆୟୋଜନ ପାଇଁ ପ୍ରାୟ ୩,୦୦୦ରୁ ୫,୦୦୦ କୋଟି ଟଙ୍କାର ପରିଚାଳନା ଖର୍ଚ୍ଚ ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ୨,୦୦୦ କୋଟି ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛି। ଅର୍ଥାଭାବ ଯୋଗୁଁ ଚଳିତବର୍ଷର ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ମାତ୍ର ୧୦ଟି ଖେଳରେ ସୀମିତ ରଖାଯାଇଥିଲା। କିନ୍ତୁ ୨୦୩୦ ଅହମଦାବାଦ ସଂସ୍କରଣରେ ୧୫ରୁ ୧୭ଟି ଖେଳକୁ ସାମିଲ କରିବାକୁ ଭାରତ ଯୋଜନା କରୁଛି। ହକି, କୁସ୍ତି ଓ କ୍ରିକେଟ୍ ଭଳି ଲୋକପ୍ରିୟ ଖେଳଗୁଡ଼ିକୁ ମଧ୍ୟ ଏଥିରେ ସ୍ଥାନ ଦିଆଯିବାର ସମ୍ଭାବନା ରହିଛି।

ମେକ୍ସିକୋ ଗ୍ରାଁ ପ୍ରି: ହାମିଲଟନ୍‌ଙ୍କ ରେକର୍ଡ ୧୦୫ତମ ପୋଲ୍

ମେକ୍ସିକୋ ସିଟି, ୨।୧୧ ବ୍ରିଟିସ୍ ଚାଳକ ଲୁଇସ ହାମିଲଟନ୍ ଫର୍ମୁଲା-୧ରେ ନିଜର ଦବ୍‌ଦବା ଜାରି ରଖିଛନ୍ତି। ମେକ୍ସିକୋ ସିଟି ଗ୍ରାଁ ପ୍ରି ଯୋଗ୍ୟତା ପର୍ଯ୍ୟାୟରେ ସେ ପୋଲ୍ ପୋଜିସନ୍ ହାସଲ କରି ନୂଆ ରେକର୍ଡ କରିଛନ୍ତି। ଚଳିତ ଋତୁରେ ଏହି ଫେରାରି ଚାଳକଙ୍କ ପ୍ରଥମ ଏବଂ ମୋଟ ଉପରେ ୧୦୫ତମ ପୋଲ୍ ପୋଜିସନ୍। ୪୧ ବର୍ଷ ବୟସରେ ହାମିଲଟନ୍ ଏହି ସଫଳତା ହାସଲ କରି ଫର୍ମୁଲାୱାନ-୧ ଇତିହାସରେ ପୋଲ୍ ଜିତିଥିବା ପଞ୍ଚମ ବୟୋଜ୍ୟେଷ୍ଠ ଚାଳକ ହୋଇଛନ୍ତି।୧୯୮୨ରେ ୪୨ ବର୍ଷ ବୟସରେ ମାରିଓ ଆଣ୍ଡରେଟିଙ୍କ ପରେ ସେ ସବୁଠାରୁ ବୟସ୍କ ଚାଳକ ହେବାର ଗୌରବ ପାଇଛନ୍ତି। ଏହି ବୟୋଜ୍ୟେଷ୍ଠ ପୋଲ୍ ରେକର୍ଡ ନିନୋ ଫାରିନା (୪୭ ବର୍ଷ ୨ ମାସ)ଙ୍କ ନାମରେ ଏବେ ବି ଅତୁଟ ରହିଛି। ଶୁକ୍ରବାର ଅଭ୍ୟାସରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ୭ ଥର ବିଶ୍ୱବିଜେତା ହାମିଲଟନ୍ ଶନିବାର ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ମର୍ସିଡିଜ୍‌ର ଜର୍ଜ ରସେଲ ଓ ନିଜ ଦଳୀୟ ସାଥୀ ଚାର୍ଲସ ଲେକ୍‌ଲାର୍କଙ୍କୁ ପଛରେ ପକାଇ ସେ ପୋଲ୍ ପୋଜିସନ୍‌ରେ ରହିଥିଲେ। ପୋଲ୍ ପୋଜିସନ୍ ପାଇବା ପରେ ହାମିଲଟନ୍ କହିଛନ୍ତି, "ମୁଁ ବହୁତ ଖୁସି। ଏହା ଭଲ ଅନୁଭବ। ମୋ ପାଖରେ କହିବାକୁ ଶବ୍ଦ ନାହିଁ। ସପ୍ତାହାନ୍ତରେ କାର୍‌ର ସେଟ୍‌ଅପ୍ ନେଇ ଆମେ ଭଲ କାମ କରିଛୁ। ମେକ୍ସିକୋରେ ଫେରାରି ପାଇଁ ମୋର ପ୍ରଥମ ପୋଲ୍ ପାଇବା ନିଶ୍ଚିତ ବଡ଼ ଖୁସିର କଥା"।



ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି: ଭାରତକୁ ଯୁଗଳ ସ୍ୱର୍ଣ୍ଣ

ଅହମଦାବାଦ ୨।୧୧:: ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି ପ୍ରତିଯୋଗିତାରେ ଭାରତ ଦ୍ୱିମୁକୁଟ ଅର୍ଜନ କରିଛି। ଘରୋଇ ଭାରତୀୟ ଦଳ ଉଭୟ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଛି। ଏଥି ସହିତ ଗତ ମାସରେ ଏସୀୟ କ୍ରୀଡ଼ାରେ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ଦବ୍‌ଦବା ଜାରି ରହିଛି।



ଶୁକ୍ରବାର ମହିଳା ବିଭାଗ ଫାଇନାଲ୍‌ରେ ଭାରତ ୩୫-୧୫ରେ ଏକତରଫା ଭାବେ ଉଗାଣ୍ଡାକୁ ପରାସ୍ତ କରିଥିଲା। ପୂର୍ବରୁ ସେମିଫାଇନାଲ୍‌ରେ ଭାରତୀୟ ମହିଳା ଦଳ ଶ୍ରୀଲଙ୍କାକୁ ୩୯-୧୪ରେ ହରାଇଥିଲା। ସେମିଫାଇନାଲ୍‌ରେ ସାକ୍ଷୀ ସର୍ବାଧିକ ୧୧ ପଏଣ୍ଟ ଏବଂ ଅଧିନାୟିକା ନିଧି ଶର୍ମା ୧୦ ପଏଣ୍ଟ ହାସଲ କରିଥିଲେ। ସେହିଭଳି ଉଗାଣ୍ଡା ରୋମାଞ୍ଚକ ସେମିଫାଇନାଲ୍‌ରେ କେନିଆକୁ ୨୩-୨୧ରେ ପରାସ୍ତ କରିଥିଲା। ଦୁଇ ପରାଜିତ ସେମିଫାଇନାଲିଷ୍ଟ କେନିୟା ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲେ।

ମହିଳା ଫାଇନାଲ୍ ପରେ ଖେଳାଯାଇଥିବା ପୁରୁଷ ବିଭାଗ ଫାଇନାଲ୍‌ରେ ଭାରତୀୟ ଦଳ ଶ୍ରୀଲଙ୍କାକୁ ୫୪-୨୦ରେ ପରାସ୍ତ କରିଥିଲା। ପଙ୍କଜ ମୋହିତେ, ନବୀନ କୁମାରଙ୍କ ଦମଦାର ପ୍ରଦର୍ଶନ କାରଣରୁ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୩୦-୧୦ରେ ଅଗ୍ରଣୀ ରହି ବିଜୟକୁ ଏକପ୍ରକାର ନିଶ୍ଚିତ କରିଥିଲା। ବାରମ୍ବାର ଅଲ୍‌ଆଉଟ୍ ହୋଇ ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନ କରିପାରିନଥିଲା। ପୂର୍ବରୁ ସେମିଫାଇନାଲ୍‌ରେ ଭାରତୀୟ ପୁରୁଷ ଦଳ ବାଂଲାଦେଶକୁ ୫୬-୨୭ରେ ପରାସ୍ତ କରି ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା। ଭରତ ହୁଡ୍ଡା ସର୍ବାଧିକ ୧୩ ପଏଣ୍ଟ, ଶିବମ ପଟାରେ ୧୧ ଓ ନୀରଜ ନରୱାଲ ୯ ପଏଣ୍ଟ ହାସଲ କରିଥିଲେ। ଶ୍ରୀଲଙ୍କା ଅନ୍ୟ ସେମିଫାଇନାଲ୍‌ରେ ସଂଘର୍ଷ କରି କେନିଆକୁ ୨୮-୨୪ରେ ହରାଇଥିଲା। ଦୁଇ ପରାଜିତ ସେମିଫାଇନାଲିଷ୍ଟ କେନିୟା ଓ ବାଂଲାଦେଶ କାଂସ୍ୟ ପଦକ ହାସଲ କରିଥିଲେ।

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି: ମାଲେସିଆକୁ ହରାଇଲା ଜାପାନ

ଜଳନ୍ଧର, ୨।୧୧: ଜାପାନ ଏହାର ଅନ୍ତିମ ରାଉଣ୍ଡ-ରବିନରେ ଏସିଆନ ଗେମ୍ସ ରୌପ୍ୟ ବିଜେତା ମାଲେସିଆକୁ ୨-୧ ଗୋଲ୍‌ରେ ପରାସ୍ତ କରି ଏଠାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଷ୍ଟାଣ୍ଡିଂ ତୃତୀୟ ସ୍ଥାନ ଅଧିକାର କରିଛି।ଜାପାନ ୫ଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରି ତା'ର ରାଉଣ୍ଡ ରବିନ ଅଭିଯାନ ଶେଷ କରିଛି। ମ୍ୟାଚର ୧୦ ମିନିଟରେ ଏକ ଗୋଲ୍ ସ୍କର କରି ମାଲେସିଆ ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା।ମାତ୍ର କେଣ୍ଟାରୋ ଫୁକୁଡା ୨୪ତମ ଓ ୫୪ତମ ମିନିଟରେ ଦୁଇଟି ଫିଲ୍ଡ ଗୋଲ ସ୍କର କରି ମ୍ୟାଚକୁ ଜାପାନ ସପକ୍ଷକୁ ନେଇ ଆସିଥିଲେ। ପୂର୍ବରୁ ଚାଇନା ଓ ବାଂଲାଦେଶ ଅନୁଷ୍ଠିତ ଏକ ମ୍ୟାଚରେ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହାଥିଲା ଉଭୟଙ୍କ ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚ। ଷ୍ଟାଣ୍ଡିଂରେ ଉଭୟ ଦେଶ ସର୍ବନିମ୍ନ ସ୍ଥାନରେ ରହିଛନ୍ତି। ଭାରତ ବୁଧବାର ସେମିଫାଇନାଲରେ ଦକ୍ଷିଣ କୋରିଆକୁ ଭେଟିବାକୁ ଥିବା ବେଳେ ଅନ୍ୟ ସେମିଫାଇନାଲ ମ୍ୟାଚଟି ଜାପାନ ଓ ମାଲେସିଆ ମଧ୍ୟରେ ଖେଳାଯିବ।

ଫିଟ୍‌ନେସ ପରୀକ୍ଷା ଦେବେ ପନ୍ତ

ନୂଆଦିଲ୍ଲୀ, ୨।୧୧: ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଲାଗିଛି ବଡ଼ ଝଟକା। ଆହତ ସମସ୍ୟାରୁ ମୁକୁଳି ନଥିବା ଷ୍ଟାର ଉଇକେଟକିପର ବ୍ୟାଟର ଋଷଭ ପନ୍ତ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ତୃତୀୟ ତଥା ଶେଷ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍‌ରୁ ମଧ୍ୟ ବାଦ ପଡ଼ିଛନ୍ତି। ସାଇଡ ଷ୍ଟ୍ରେନ୍‌ରେ ପୀଡ଼ିତ ପନ୍ତଙ୍କୁ ଏହି ମ୍ୟାଚ୍‌ରେ ନ ଖେଳାଇବାକୁ ଏହା ଏକ ସତର୍କତାମୂଳକ ପଦକ୍ଷେପ ବୋଲି ଜଣାପଡ଼ିଛି। ଫଳରେ ନଭେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ତାଙ୍କ ଖେଳିବା ନେଇ ଆଶଙ୍କା ବଢ଼ିଛି।ଋଷଭ ପନ୍ତ ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ପ୍ରଥମ ଦୁଇଟି ଅନଅଫିସିଆଲ ଟେଷ୍ଟ ମ୍ୟାଚ୍‌ରୁ ମଧ୍ୟ ବାଦ ପଡ଼ିଥିଲେ। ଇରାନୀ କପ ସମୟରେ ତାଙ୍କୁ ସାଇଡ ଷ୍ଟ୍ରେନ ସମସ୍ୟା ହୋଇଥିଲା। ଏହା ପରଠାରୁ ସେ କ୍ରିକେଟ ମଇଦାନରୁ ଦୂରେଇ ରହିଛନ୍ତି। ଟେଷ୍ଟ ସିରିଜ ପୂର୍ବରୁ ମ୍ୟାଚ ଅଭ୍ୟାସ କରିବାର ସୁଯୋଗ ହରାଇବା ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି।

ପନ୍ତ ନେଟ୍ସରେ ସ୍କିଲ ଟ୍ରେନିଂ ଆରମ୍ଭ କରିଛନ୍ତି। ବର୍ତ୍ତମାନ ତାଙ୍କୁ କୌଣସି ପ୍ରକାର ଯନ୍ତ୍ରଣା ମଧ୍ୟ ଅନୁଭବ ହେଉନାହିଁ। ତଥାପି ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରାଇବା ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହୋଇନାହିଁ। ନ୍ୟୁଜିଲାଣ୍ଡ ଏ' ବିପକ୍ଷ ମ୍ୟାଚ୍‌ଗୁଡ଼ିକ ପନ୍ତଙ୍କ ପାଇଁ ଟେଷ୍ଟ ସିରିଜ ପ୍ରସ୍ତୁତିର ଏକ ବଡ଼ ସୁଯୋଗ ଥିଲା। ଏହି ମ୍ୟାଚ ଜରିଆରେ ସେ ଦୀର୍ଘ ଫର୍ମାଟ୍‌ରେ ନିଜର ଲୟ ଏବଂ ମ୍ୟାଚ ଫିଟନେସ ଫେରାଇ ପାରିଥାନ୍ତେ। କିନ୍ତୁ ଲଗାତାର ତିନିଟି ମ୍ୟାଚ୍‌ରୁ ବାଦ ପଡ଼ିବା ପରେ ତାଙ୍କ ପାଖରେ ଅଭ୍ୟାସ ପାଇଁ ସମୟ ବହୁତ କମ ରହିଛି।ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦୁଇଟି ଟେଷ୍ଟ ମ୍ୟାଚ୍ ସିରିଜ ନଭେମ୍ବର ୧୯ରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ୱେଲିଂଟନ୍‌ରେ ଖେଳାଯିବ। ଏହି ମ୍ୟାଚ ପୂର୍ବରୁ ପନ୍ତଙ୍କ ଫିଟନେସ ଉପରେ ଭାରତୀୟ ଟିମ ମ୍ୟାନେଜମେଣ୍ଟର ନଜର ରହିବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର